## ସଂକ୍ଷେପରେ

### ମୃତକଙ୍କ ପରିବାରକୁ ଦୁର୍ଗାପୂଜା କମିଟିର ସହାୟତା

ଖଇରା, ୧୬।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ସାର୍ବଜନୀନ ଦୁର୍ଗାପୂଜା କମିଟିର ବର୍ଷିୟାନ ସଦସ୍ୟ ଭଗବାନ ଚରଣ ସେଠୀ(୧୦୫)ଙ୍କ ବିୟୋଗରେ କମିଟି ସଭାପତି ଅନ୍ତର୍ଯ୍ୟାମୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଗୁରୁବାର ଏକାଦଶାହ ଅବସରରେ ପୂଜା କମିଟି ଓ ଖଇରା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ସ୍ୱର୍ଗତ ସଦସ୍ୟଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରଛନ୍ତି। କମିଟି ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ରାଧାକାନ୍ତ ପାତ୍ର, ସଦସ୍ୟ କରୁଣାକର ମହାନ୍ତି, ସନ୍ତୋଷ ଶତପଥି, ଦୋଳଗୋବିନ୍ଦ ମହାରଥା, ରାମଚନ୍ଦ୍ର ଦାସ ପ୍ରମୁଖ ଭଗବାନଙ୍କ ପୁତ୍ରବଧୂଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ।

### ମଦ ବେପାରୀ ଗିରଫ

କୁଆମରା,୧୬।୬ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କମଲାଶୋଳ ଗ୍ରାମର ବାବୁଲା ସିଂଙ୍କୁ ବେଆଇନ ମଦ କାରବାର ଅଭିଯୋଗରେ ଡୁକୁରା ଫାଣ୍ଡି ପୋଲିସ ଗିରଫ କରିଛି। ସେ ଏକ ନମ୍ବର ବିହୀନ ବାଇକ୍‌ରେ ମଦ ନେଇ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ତାଙ୍କୁ ଧରିଥିଲା। ତାଙ୍କଠାରୁ ୪୮ ବୋତଲ ବିଦେଶୀ ମଦ ଜବତ ହୋଇଛି।

### ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ପଦ୍ମପୁର,୧୬।୬(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ହତାଶିଆ ଛକଠାରେ ସୁବ୍ରତ ବିଶ୍ୱାଳଙ୍କ ଦୋକାନରେ କେହି ଦୁର୍ବୃତ୍ତ ବୁଧବାର ରାତିରେ ନିଆଁ ଲଗାଇ ଦେଇଛନ୍ତି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୋକାନରେ ନିଆଁ ଲଗାଇ ଦିଆଯାଇଥିବା ସୁବ୍ରତ ଗୁରୁବାର ନାୟକାଣିଡିହି ଥାନାରେ ଅଭିଯୋଗ କରିଛନ୍ତି।

### ବିଦ୍ୟାଳୟରେ ପୂଜ୍ୟପୂଜା କାର୍ଯ୍ୟକ୍ରମ

ସୋର, ୧୬।୬(ଡି.ଏନ୍.ଏ.)-ସୋର ବ୍ଲକ ଅଧୀନ ପାଖର ପଞ୍ଚାୟତ ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟର ୧୯୮୬ ବ୍ୟାଚ୍ ଶିକ୍ଷାର୍ଥୀଙ୍କ ପକ୍ଷରୁ ବନ୍ଧୁମିଳନ ଅବସରରେ ପୂଜ୍ୟପୂଜା ସହ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦିବଙ୍ଗତ ପ୍ରାକ୍ତନ ଶିକ୍ଷକ, କର୍ମଚାରୀ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିସହ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ଓ ଉନ୍ନତମାନର ଶୈକ୍ଷିକ ପରିବେଶ ପାଇଁ ପୁରାତନ ଛାତ୍ରସଂସଦ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବାକୁ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ଛାତ୍ର ଗଭବାନ ରାଉତ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। କରୁଣାକର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ସଂସଦ ପକ୍ଷରୁ ଶୁଭ୍ରତା ମହାପାତ୍ର ଓ ଜୟଶ୍ରୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶିକ୍ଷକ ସମ୍ମାନିତ



କେନ୍ଦୁଝର,୧୬।୬(ସ୍ୱ.ପ୍ର.)- କେନ୍ଦୁଝର ଏନ୍ଏସ ପୋଲିସ ହାଇସ୍କୁଲର ଶିକ୍ଷକ ବିଜୟ କୁମାର ବେହେରା ଏନ୍‌ସିସି ଅଫିସର୍ସ ଟ୍ରେନିଂ ଏକାଡେମୀ, କାମ୍ପଟି, ମହାରାଷ୍ଟ୍ରରେ ଫାୟାରିଂରେ ଶ୍ରେଷ୍ଠ ପ୍ରମାଣପତ୍ର ହାସଲ କରିଛନ୍ତି। ଏନ୍‌ସିସି ଟ୍ରେନିଂ ଫାୟାରିଂରେ ଶ୍ରେଷ୍ଠ ହୋଇଥିବାରୁ ବ୍ରିଗେଡିୟର ଏଚ୍.ଆର୍.ଦେଶାଇ ତାଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିଛନ୍ତି। ସେଠାରେ ୭୪୦ଜଣ ଟ୍ରେନିଂ ନେଉଥିଲେ। ସେମାନଙ୍କ ମଧ୍ୟରୁ ବିଜୟ ପ୍ରଥମ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସେ ପୂର୍ବରୁ ମଧ୍ୟ ବହୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ୧୨ ଘଣ୍ଟା ବାଲେଶ୍ୱର ବନ୍ଦ

■ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ
■ପୋଲିସ ନିଷ୍କ୍ରିୟତା ଯୋଗୁ ବଢୁଛି ଅପରାଧ

**ବାଲେଶ୍ୱର ଅଫିସ, ୧୬।୬**

ବାଲେଶ୍ୱର ଜିଲା ପୋଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରତିବାଦରେ ଗୁରୁବାର ପୂର୍ବାହ୍ନ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ (୧୨ ଘଣ୍ଟିଆ) ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ବିଭିନ୍ନ ଗଣସଙ୍ଗଠନ ଓ ରାଜନୈତିକ ଦଳର କର୍ମୀମାନେ ସହରରେ ଥିବା ବିଭିନ୍ନ ବ୍ୟାଙ୍କ୍, ବୀମା, ଡାକ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ କୌଣସି କର୍ମଚାରୀ ପ୍ରବେଶ କରିପାରି ନ ଥିଲେ। ବଡ଼ ବଡ଼ ବ୍ୟବସାୟିକ ଅନୁଷ୍ଠାନ, ପନିପରିବା, ଫଳ ଓ ମାଛ ମାର୍କେଟ୍ ସମ୍ପୂର୍ଣ୍ଣ ବନ୍ଦ ଥିଲା। ରଜ ଛୁଟି ପରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଅଫିସ୍‌ଗୁଡ଼ିକ ଖୋଲିବାର ଥିଲେ ମଧ୍ୟ କୌଣସି ସରକାରୀ ଅଫିସ୍, କୋର୍ଟ କଚେରୀ, ପୌର କାର୍ଯ୍ୟାଳୟ ଖୋଲି ପାରିନଥିଲା। ସହରରେ କେବଳ ଦୁଇଚକିଆ ଯାନ ଚଳାଚଳ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ଗାଡ଼ି ଚଳାଚଳ ଓ ପେଟ୍ରୋଲ୍ ପମ୍ପଗୁଡ଼ିକ ବନ୍ଦ ଥିବାର ଦେଖାଯାଇଥିଲା। ସହରର ମୁଖ୍ୟ ବ୍ୟବସାୟ କେନ୍ଦ୍ର ମୋତିଗଞ୍ଜ ବଜାର ଓ ନୂଆବଜାରରେ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଖୋଲା ନ ଥିଲା। ଷ୍ଟେଶନ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡି ଛକ, ଗୋଳାପୋଖରୀ ଛକ ଓ ବସ୍‌ଷ୍ଟାଣ୍ଡରେ ଆନ୍ଦୋଳନକାରୀମାନେ ଜିଲା ପୋଲିସ୍‌ର ଅପାରଗତା ବିରୋଧରେ ବିଭିନ୍ନ ପ୍ରକାର ନାରା ଦେଇ ରାସ୍ତା ଅବରୋଧ କରିଥିଲେ। ପରିବହନ ଶ୍ରମିକ, ଉଠାଦୋକାନୀ, ଅଟୋ, ଟ୍ୟାକ୍ସି ଓ ରିକ୍ସାଚାଳକମାନେ ବନ୍ଦକୁ ଦୃଢ଼ ସମର୍ଥନ ଜଣାଇଥିଲେ।

ବାଲେଶ୍ୱରରେ ଗତ କିଛିଦିନ ଧରି ଚୋରି, ଡକାୟତ, ଲୁଟ୍, ଛିନ୍‌ତାଇ, ରାହାଜାନି, ହତ୍ୟା, ଗୁଳିଚାଳନା ଓ ନିଶା କାରବାର ଆଦି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରୁ ଜିଲା ଓକିଲ ସଂଘ ଓ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଆହ୍ୱାନକୁ ବରିଷ୍ଠ ନାଗରିକ ମଞ୍ଚ ସମେତ ବିଭିନ୍ନ ସାମାଜିକ, ସାଂସ୍କୃତିକ ସଙ୍ଗଠନ, ସମସ୍ତ ବାମପନ୍ଥୀ ଦଳ ଏବଂ କଂଗ୍ରେସ ଦଳ ସମେତ ସେମାନଙ୍କର ଗଣସଙ୍ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ବନ୍ଦ ଡାକରା ଦେଇଥିଲେ। ଯଦି ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ରହିଛି। ସହରରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଭାଜପା ଦାବି କରିଛି। ଭାଜପା କର୍ମୀମାନେ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବ୍ୟାପକ ପୋଲିସ୍ ମୁତୟନ ହୋଇଥିଲେ। ଖୁବ୍‌ଶୀଘ୍ର ସରକାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ବଦଳି କରି ତୁରନ୍ତ ଅପରାଧ ନିୟନ୍ତ୍ରଣ ଦିଗରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସାରା ଜିଲାକୁ ବନ୍ଦ କରାଯିବ ବୋଲି ଜିଲା ଓକିଲ ସଂଘ ଓ ସିଭିଲ୍ ସୋସାଇଟି ପକ୍ଷରୁ ଚେତାବନୀ ଦେଇଛନ୍ତି। ଏହି ୧୨ଘଣ୍ଟିଆ ବନ୍ଦ ଆନ୍ଦୋଳନରେ ଜିଲା ଓକିଲ ସଂଘର ସଭାପତି ମନୋଜ ନାୟକ ଓ ସମ୍ପାଦକ ସମ୍ବିତ୍ ନନ୍ଦୀ, ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ବାମପନ୍ଥୀ ଦଳ ଓ ଜାତୀୟ କଂଗ୍ରେସ ପକ୍ଷରୁ ଦଳୀୟ ନେତା ଓ ସେମାନଙ୍କର ବିଭିନ୍ନ ଗଣସଙ୍ଗଠନରୁ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ଜୟନ୍ତ ଦାସ, ନିରଞ୍ଜନ ପରିଡ଼ା, ପ୍ରେମରଞ୍ଜନ ପାତ୍ର, ବିକ୍ରମ ପଣ୍ଡା, ଅର୍ଚ୍ଚନା ନନ୍ଦୀ, ବିକାଶ ଦାସ, ବାସନ୍ତୀ ସାମଲ, ତୁଷାରକାନ୍ତି ତପସୀ, ବିଜୟ ପାତ୍ର, ଆଇନଜୀବୀ ଶକ୍ତିଧର ସାନ୍ତରା, ଶାନ୍ତନୁ ଦାସ, ସୂର୍ଯ୍ୟକାନ୍ତ କର ପ୍ରମୁଖ ଶାନ୍ତିପୂର୍ଣ୍ଣ ବନ୍ଦ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



ଟାୟାର୍ ଜାଳି ଓଟି ରୋଡ୍ ଅବରୋଧ।




ବିଭିନ୍ନ ସଙ୍ଗଠନ ପକ୍ଷରୁ ଫାଣ୍ଡି ଛକରେ ବନ୍ଦ ପାଳନ।

## 'ସାଂସ୍କୃତିକ କାର୍ଯ୍ୟକ୍ରମ ଭାଇଚାରାର ମାଧ୍ୟମ'

**କେନ୍ଦୁଝର,୧୬।୬ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ତମ୍ବାହରା ଗ୍ରାମରେ ସ୍ୱରୂପ ଅନୁଷ୍ଠାନ ପକ୍ଷରୁ ରଜ ପର୍ବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପିଠାଗୋଳା ପଞ୍ଚାୟତର ସରପଞ୍ଚ ଦିଗାମ୍ବର ନାୟକ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଏକତା ଓ ଭାଇଚାରା ପ୍ରତିଷ୍ଠା କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। କଳାକାରମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭା ବିକାଶରେ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କହି ସାଧୁବାଦ ଜଣାଇଥିଲେ। ଏହାବ୍ୟତୀତ ଗାଁ ଗହଳିରେ ଲୁଚି ଯାଉଥିବା ବିଭିନ୍ନ ଲୋକକଳା ଓ ଲୋକନୃତ୍ୟକୁ ପୁନରୁଦ୍ଧାର କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ଭୋଜ୍‌ପୁରୀ, ସାନ୍ତାଳି, ଓଡ଼ିଶୀ, ଝୁମର ଆଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

ମାଷ୍ଟର ବିଜୟ କୁମାର ପାତ୍ର, ଲୁଲୁ ମହାନ୍ତ, ଚକ୍ରଧର ପାତ୍ର, ଟିକି ମୁଣ୍ଡା, ଚିନୁ ପାତ୍ର, ବର୍ଷା ମହାରଣା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦିକା ଜ୍ୟୋସ୍ନାରାଣୀ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭ୍ୟ ବିଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ବିସ୍କର ମୁଣ୍ଡା, କ୍ଷମାଞ୍ଜଳି ପାତ୍ର, ଶ୍ରୀଧର ମହାନ୍ତ, ସୁଶାନ୍ତ ମହାନ୍ତ, ମଙ୍ଗଳି ପାତ୍ର, ଚଗୁଲୁ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଛିଣ୍ଡିଲା ୧୧ କେଭି ବିଦ୍ୟୁତ୍ ତାର

### ଜଳିଗଲା ସାଇକେଲ, ବର୍ତ୍ତିଲେ ସଫେଇ କର୍ମଚାରୀ

**ବାଲେଶ୍ୱର ଅଫିସ,୧୬।୬:** ବାଲେଶ୍ୱର ଜିଲା ସ୍କୁଲ ସମ୍ମୁଖରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିବାରୁ ସଫେଇ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତାଙ୍କ ସାଇକେଲ ସମ୍ପୂର୍ଣ୍ଣ ଜଳି ଯାଇଛି। ଜିଲା ସ୍କୁଲ ସମ୍ମୁଖରେ ସଫେଇ କର୍ମଚାରୀ ଅର୍ଜୁନ ସିଂ ସଫେଇ କାର୍ଯ୍ୟ କରୁଥିଲେ। ଏହି ସମୟରେ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ପଡ଼ିଥିଲା। ସୌଭାଗ୍ୟବଶତଃ ବିଦ୍ୟୁତ୍ ତାର ଅର୍ଜୁନଙ୍କ ସାଇକେଲ ଉପରେ ପଡ଼ି ଜଳିଯାଇଥିଲା। ଖବରପାଇ ଟାଟା ପାୱାର କର୍ମଚାରୀମାନେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ କରିବା ସହ ଘଟଣାସ୍ଥଳରେ ପହଞ୍ଚି ଛିଣ୍ଡି ପଡ଼ିଥିବା ତାରକୁ ସଜାଡ଼ିଥିଲେ।

## ରଜ ଦୋଳି ଗୀତ ପ୍ରତିଯୋଗିତା

**ମୋରଡା,୧୬।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତରେ ରଜ ଦୋଳି ଗୀତ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟର ଲୋକେ ନିଆରା ଢଙ୍ଗରେ ରଜ ପର୍ବ ପାଳନ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ କରିଛନ୍ତି। ଖଡ଼ିଆ ଝିଅ ଓ ପୁଅମାନଙ୍କ ମଧ୍ୟରେ ପ୍ରତିବର୍ଷ ଏହି ଭଳି ପ୍ରତିଯୋଗିତା ହୋଇଥାଏ। ପ୍ରତିଯୋଗିତାର ବିଶେଷତଃ ହେଲା, ଯଦି ଝିଅ ଦଳ ଜିତନ୍ତି ତେବେ ଯେଉଁ ପୁଅକୁ ପସନ୍ଦ କରିବେ ଜଣେ ଝିଅ ତାଙ୍କୁ ବିବାହ କରିବେ। ସେହିପରି ପୁଅ ଦଳ ଯଦି ଜିତନ୍ତି ତେବେ ଯେଉଁ ଝିଅକୁ ପସନ୍ଦ କରିବେ ଜଣେ ପୁଅ ତାଙ୍କୁ ବିବାହ କରିବେ। କିନ୍ତୁ କିଛି ବର୍ଷ ହେଲା ଏହି ପରମ୍ପରା ବନ୍ଦ ହୋଇ ଯାଇଛି। କେବଳ ପରସ୍ପରକୁ ଭଲ ପାଇବା ସହିତ ବିବାହ ପାଇଁ ପୁଅଝିଅ ବଛା ଯାଇ ପରେ ସମୟାନୁସାରେ କାର୍ଯ୍ୟକାରୀ କରାଯାଉଛି।

ବାରିପଦା ବାଙ୍କୀଶୋଳ ଓ ବିଭିନ୍ନ ସ୍ଥାନରୁ ପୁଅ ଦଳ ଆସି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଏହି ପ୍ରତିଯୋଗିତା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଏଥି ସହିତ ବାଜୁଥିବା ଡିଜେ, ବାଦ୍ୟ ଗୀତରେ ଗାଁଗଣ୍ଡା ଦୁଲୁକି ପଡୁଛି। ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଗ୍ରାମର ପୂଜକ କାଶୀନାଥ ଦେହୁରୀ ବାବା ବଡାମ ଠାକୁର ଓ ଦୋଳିକୁ ପୂଜା କରିବା ସହିତ ଚଳିତ ବର୍ଷ ଭଲ ବର୍ଷା ଓ ଚାଷ କାର୍ଯ୍ୟ ହେଉ ବୋଲି ଠାକୁରଙ୍କ ପାଖରେ ଗୁହାରି କରିଥିଲେ। ସେହିପରି ବ୍ଲକର ମୋରଡ଼ା ପଞ୍ଚାୟତର ପଳାଶବଧା ଗ୍ରାମରେ ଡିଜେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ସେହିପରି ଗ୍ରାମବାସୀ ଆକର୍ଷଣୀୟ ଦୋଳି ତିଆରି କରିଥିବା ଦେଖିବାକୁ ମିଳିଛି।



ମହିଳା ଓ ଯୁବତୀ ଦୋଳିର ମଜା ନେଉଛନ୍ତି।

## ନାବାଳିକା ଉଦ୍ଧାର

**ସୋର, ୧୬।୬(ଡି.ଏନ୍.ଏ.)**

ଗୁରୁବାର ଜାତୀୟ ରାଜପଥ ସୋର ଉତ୍ତରେଶ୍ୱର ନିକଟର ଘରୁ ପଳାଇ ଆସିଥିବା ଜଣେ ନାବାଳିକାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ସୋର ଥାନା ଜିମା ଦେଇଛନ୍ତି। ତାଙ୍କ ଘର ଭଦ୍ରକ ଜିଲା ପୀରହାଟ 'କୀରପୁର ଗ୍ରାମରେ। ସେ ସକାଳେ ଘରୁ ରାଗି ପଳାଇଆସି ସୋରରେ ପହଞ୍ଚିଥିଲେ। ସେ ଏଣେତେଣେ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ପଚରାଉଚରା କରିଥିଲେ। ବାପା ମାରିବାରୁ ସେ ଘରୁ ରାଗିକରି ପଳାଇ ଆସିଥିବା ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକ ହେଲ୍‌ପିଂ ହ୍ୟାଣ୍ଡ ସହାୟତାରେ ଥାନାରେ ଜିମା ଦେଇଛନ୍ତି।

## ପାନ ଖାଇବାକୁ ବାପା ତାଗିଦା କରିବାରୁ ପୁଅଙ୍କ ଆତ୍ମହତ୍ୟା

**ଭୋଗରାଇ, ୧୬।୬(ଡି.ଏନ.ଏ.)**

ପାନ ଖାଇବାକୁ ବାପା ତାଗିଦା କରିବାରୁ ପୁଅ ଚରମ ନିଷ୍ପତ୍ତି ନେଇଛି। ଶେଷରେ ଘରେ ଥିବା କୀଟନାଶକ ଔଷଧ ପିଇ ଜୀବନ ହାରିଛନ୍ତି ୧୭ ବର୍ଷର ପୁଅ। ଏ ବିଷୟରେ ତାଳସାରୀ ସାମୁଦ୍ରିକ ଥାନାରେ ମାମଲା (ନଂ. ୪/୨୨) ରୁଜୁ କରାଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଭୋଗରାଇ ଗୋଛିଦା ତେଘରି ପଞ୍ଚାୟତ ଅଧୀନ କୃଷ୍ଣନଗର ଗାଁରେ। ଉକ୍ତ ନାବାଳକ ୨ବର୍ଷ ପୂର୍ବରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ଘରେ ରହୁଥିଲେ। ଗୁରୁବାର ପୂର୍ବାହ୍ନରେ ପୁଅ ପାନ ଖାଇ ପାଟି ଲାଲ କରି ବୁଲୁଥିଲେ। ଏହା ଦେଖି ବାପା ତାଗିଦ୍ କରିଥିଲେ। ପୁଅ ଚରମ ନିଷ୍ପତ୍ତି ନେଇ କୀଟନାଶକ ଔଷଧ ପିଇଦେଇଥିବା ପରିବାର ଲୋକେ ଜାଣିବା ପରେ ମୁମୂର୍ଷୁ ଅବସ୍ଥାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାୟ ୨ଘଣ୍ଟା ଚିକିତ୍ସା ହେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସାମୁଦ୍ରିକ ଥାନାର ଏଏସ୍‌ଆଇ ଭଗବାନ ଦାସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## 'ଫକୀରମୋହନଙ୍କ ସାହିତ୍ୟରେ ଥିଲା ବିବିଧତା'

### ୧୦୪ତମ ଶ୍ରାଦ୍ଧଦିବସ

**ବାଲେଶ୍ୱର ଅଫିସ, ୧୬।୬**

ବାଲେଶ୍ୱର ସହର ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଫକୀରମୋହନଙ୍କ ୧୦୪ତମ ଶ୍ରାଦ୍ଧଦିବସ ପାଳନ ହୋଇଛି। ଏକାଡେମୀ ଜିଲା ପ୍ରତିନିଧି କବି ଭରତ ଚନ୍ଦ୍ର ଦାଶ ଉତ୍ସବରେ ପୌରୋହିତ୍ୟ କରି ସାହିତ୍ୟର ସବୁଦିଗରେ ଲେଖନୀ ଚାଳନା କରି ଫକୀରମୋହନ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି। କବିଙ୍କର ଆତ୍ମଚରିତର ମୂଳରୂପ ଏଯାବତ୍ ପ୍ରକାଶ ହୋଇପାରି ନ ଥିବାରୁ ସାହିତ୍ୟ ଏକାଡେମୀ ତାହାର ପ୍ରକାଶ ପାଇଁ ଉଦ୍ୟମ କରିବା ଉଚିତ୍ ବୋଲି ମତ ଦେଇଥିଲେ।

ପରିଷଦର ବରିଷ୍ଠ ସଦସ୍ୟ ପ୍ରଦୀପ ଚାଟାର୍ଜୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟରେ ବିବିଧତା ଦେଖିବାକୁ ମିଳେ ବୋଲି କହି ସେ ଏକସଙ୍ଗରେ କିପରି ହାସ୍ୟ ଓ କରୁଣରସର ଅବତାରଣା କରିଛନ୍ତି ତାହା ଦର୍ଶାଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଫକୀରମୋହନଙ୍କ ସାହିତ୍ୟର ପ୍ରତ୍ୟେକ ଅଂଶ କିପରି ଗୁରୁତ୍ୱପୂର୍ଣ୍ଣ ତାହା ପ୍ରକାଶ କରିବା ସହ ତାଙ୍କ ସମ୍ପର୍କରେ ଗଙ୍ଗାଧର ରଚନା କରିଥିବା ଗଦ୍ୟ ପଦ୍ୟର ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା ଫକୀରମୋହନଙ୍କ ବାଲ୍ୟଜୀବନର କେତେକ କଥା ଉଲ୍ଲେଖ କରିଥିବା ବେଳେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଫକୀରମୋହନଙ୍କ ଜୀବିତାବସ୍ଥାରୁ ତାଙ୍କ ଜୀବନୀକୁ କିପରି ଭାବରେ ପ୍ରକାଶ କରାଯାଇଛି ତାହା ଆଲୋଚନା କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା ଓ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଫକୀରମୋହନଙ୍କ ସମ୍ପର୍କିତ ଏକ ଗୀତକୁ ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ବାସନ୍ତୀ ଦେ, ଶାନ୍ତିଲତା ବିଶି ଓ କୃଷ୍ଣା ପ୍ରଧାନ ପରିବେଷଣ କରିଥିଲେ ଓ ତବଲାରେ ଲକ୍ଷ୍ମୀଧର ବେହେରା ସହଯୋଗ କରିଥିଲେ। ତପନ ରାୟ ଓ ରାଜେଶ ଗିରିଙ୍କ ସଂଯୋଜନାରେ ସଙ୍ଗୀତ ବିଶାରଦ ଚାରୁଲତା ମିଶ୍ର, କବି ଉମେଶ ବାରିକ, ଲେଖକ ଇଂ.ସୁରେନ୍ଦ୍ର ନାଥ ଦାସ, କବୟିତ୍ରୀ ଯଶୋଧାରା ଦାସ, ସାମାଜିକ କର୍ମୀ ଲକ୍ଷ୍ମୀଧର ବେହେରା, ସାହିତ୍ୟିକ ଯୋଗୀ ବଂଶୀଧର ମିଶ୍ର, ନାଟ୍ୟକାର ମାଧବ ଚନ୍ଦ୍ର ପରିଡ଼ା, ସାରସ୍ୱତ ସାଧିକା ଅରୁଣା ରାୟ, ନୃତ୍ୟଶିଳ୍ପୀ ଓ ସମାଜସେବୀ ଅନସୂୟା ନାୟକ, ସଙ୍ଗୀତଜ୍ଞ ମନୋରଞ୍ଜନ ମହାନ୍ତି ଓ ଅଭିନେତା ତଥା ନିର୍ଦ୍ଦେଶକ ନିରଞ୍ଜନ ରାଉତଙ୍କୁ ରତ୍ନୋତ୍ସବ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ନିବାରଣ ଜେନା, ଡ. ସୁବାସ ଚନ୍ଦ୍ର ପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ବାସନ୍ତୀ କର, ଓମ୍ ସାଇକୃଷ୍ଣ ସାହୁ, ସୁଚିତ୍ରା ସାହୁ, ଶାନ୍ତିଲତା ପଣ୍ଡା, ବିଦ୍ୟାଧର ସାହୁ, କମଳାକାନ୍ତ ଦାଶ, ଅମ୍ବୁଜ କୁମାର ଦାସ ପ୍ରମୁଖ ଶତାଧିକ ସାହିତ୍ୟପ୍ରେମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ସ୍ମୃତିସଭାରେ ମଞ୍ଚାସୀନ ଅତିଥିଗଣ।

**DHAULI DEVELOPMENT COMMITTEE**

No. 21/DDC Bhubaneswar, Dated the 13.06.2022

**Expression of Interest**

Expression of Interest (EoI) are invited from reputed manpower supply agencies/service providers for providing services of Tollgate - Ticket Assistant & Ticket Helper at Entry Fee Collection Point/Check gate at new parking place at Parabodhi Pond, Dhauli operated by DDC for a period of one year on contract basis.

The detailed information for outsourcing of the above manpower services is mentioned in the tender document which can be available from the Office of Tourist Officer, BBSR-cum-Secy., DDC on payment of Rs.500/- in Cash (Non-refundable) during working hours between 11.30 A.M. to 4.30 P.M. on all official days w.e.f. 18.06.2022.

The tender document must reach to the office of the undersigned on or before 27.06.2022 by 3.00 P.M. through Registered Post/ Speed Post only. The tender documents will be opened on 29.06.2022 at 4.00 P.M. in the Conference Hall of BDO, BBSR. The bidders or their authorized representatives may remian present at the time of opening. The undersigned reserves the right to accept or reject any or all the tender without assigning any reason thereof.

**Sd./- Tourist Officer, Bhubaneswar & Secretary, Dhauli Development Committee**

**ସଂକ୍ଷେପରେ**

## ବଜ୍ରପାତରେ ଯୁବକ ମୃତ

ଚାନ୍ଦବାଲି,୧୬।୬ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ବଜରାପୁର ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ବଡ଼ଘାଟି ଗ୍ରାମର ଈଶ୍ୱର ବାସ୍କେ। ସୂଚନା ଅନୁଯାୟୀ, ଈଶ୍ୱର ବଜରାପୁର ଗ୍ରାମର ଏକ ଚିଙ୍ଗୁଡ଼ି ପ୍ଲାଣ୍ଟରେ ଗତ ୩ ମାସ ଧରି କାମ କରୁଥିଲେ। ସେ ପୋଖରୀରେ ଖାଦ୍ୟ ପକାଉଥିବା ବେଳେ ବଜ୍ରପାତରେ ଅଚେତ ହୋଇଯାଇଥିଲେ। ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆପତ୍ତିଜନକ ପୋଷ୍ଟ କଲେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ ଅଫିସ,୧୬।୬-ସାମାଜିକ ଗଣମାଧମରେ ଆପତ୍ତିଜନକ, ବିବାଦୀୟ ପୋଷ୍ଟ ନ କରିବାକୁ କିମ୍ବା ମନ୍ତବ୍ୟ ନ ଦେବାକୁ ଭଦ୍ରକ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଜିଲା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧମରେ ଦର୍ଶାଯାଇଛି, ଭଦ୍ରକ ଭାଇଚାରାର ସହର। ସାମାଜିକ ଗଣମାଧମରେ ଜାତୀୟ ସ୍ତରର କୌଣସି ବୟାନକୁ ନେଇ ବିବାଦ ନ ହେବା ଉଚିତ୍। ପୋଲିସ ପ୍ରଶାସନ ପକ୍ଷରୁ ସାମାଜିକ ଗଣମାଧମ ଉପରେ କଡ଼ା ନଜର ରଖାଯାଇଛି। ବିବାଦ ସୃଷ୍ଟି ହେବା ଭଳି କିମ୍ବା କୌଣସି ସମ୍ପ୍ରଦାୟକୁ ଆକ୍ଷେପ କଲା ଭଳି ପୋଷ୍ଟ ସୋସିଆଲ ମିଡିଆରେ କେହି ପ୍ରସାର କିମ୍ବା ପୋଷ୍ଟ କଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବରିଷ୍ଠ ନାଗରିକଙ୍କୁ ନେଇ ରଜ ମହୋତ୍ସବ

ଧାମନଗର, ୧୬।୬ (ସ୍ୱ.ପ୍ର.)- ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହ ପଞ୍ଚାୟତ ନୂଆହାଟ ମେଳଣ ପଡ଼ିଆଠାରେ କୋଠାର ବରିଷ୍ଠ ନାଗରିକଙ୍କୁ ନେଇ ଆଞ୍ଚଳିକ ରଜ ମହୋତ୍ସବ କମିଟି ଦ୍ୱାରା ରଜ ମହୋତ୍ସବ ପାଳନ କରାଯାଉଛି। କରୋନା ମହାମାରୀ ପାଇଁ ୨ ବର୍ଷ ଧରି ଏହି ଉତ୍ସବ ବନ୍ଦ ଥିଲାବେଳେ ଏ ବର୍ଷ ବିଭିନ୍ନ ପ୍ରତିଯୋଗିତା ଓ ଆନନ୍ଦର ସହିତ ଏପର୍ବକୁ ପାଳନ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମହୋତ୍ସବକୁ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ କୁମାର ମହାପାତ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି, ମୁଖ୍ୟବକ୍ତା ସଦାଶିବ ପୋଥାଳ, ଅନ୍ୟତମ ଅତିଥି ଭାବେ ବିଜୟ କିଶୋର ଦାସ, ବିଦ୍ୟାଧର ରାଉତ, ମୁରଲୀଧର ମହାଲିକ, ସୁରେନ୍ଦ୍ର ରାଉତ, ନାରଣ ଜେନା, ସତ୍ୟସୁନ୍ଦର ପାଢ଼ୀ, ଅନନ୍ତ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସୁରକ୍ଷା, ଶାନ୍ତି ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କୁ ଭେଟିଲେ

ଭଦ୍ରକ ଅଫିସ,୧୬।୬-ଭଦ୍ରକ ପୌରପାଳିକାର ୨୮ନଂ. ୱାର୍ଡ ଧନାଟୋଲା ଗ୍ରାମବାସୀ ସୁରକ୍ଷା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗତ ୧୧ ତାରିଖରେ ଜଣେ ଛାତ୍ର ସୋସିଆଲ ମିଡିଆରେ କରିଥିବା ପୋଷ୍ଟକୁ ନେଇ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଏକ ହଜାରରୁ ଉର୍ଦ୍ଧ୍ୱ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଗ୍ରାମରେ ଆସି ଆତଙ୍କ ସୃଷ୍ଟି କରିଥିଲେ। ଏପରିକି ଉକ୍ତ ଛାତ୍ରଙ୍କ ଘର ଭାଙ୍ଗିବା ସହ ପଥର ମାଡ଼ କରିଥିଲେ। ଛାତ୍ରଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କୁ ପୋଲିସ ଆଗରେ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଆଗରୁ ମଧ ଏକାଧିକବାର ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର କରିବା ଭଳି ଘଟଣା ଘଟିଯାଇଛି। ଏହି ଘଟଣାକୁ ନେଇ ପୁରୁଣାବଜାର ଥାନାକୁ ଲିଖିତ ଭାବେ ଜଣାଇବା ପରେ ପୋଲିସ ପରଦିନ ୬ଜଣଙ୍କୁ ଥାନାକୁ ନେଇଥିଲା। ୨ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ ଜଣଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ କାଶିନାଥ ବେହେରା, ପ୍ରହ୍ଲାଦ ସିଂହ, ଦିଲୀପ ମାନ୍ଧାତା, କେଶବ ମହାନ୍ତି, ଶ୍ରୀଧର ପାତ୍ର, ଦିବାକର ସିଂହ, ସନ୍ତୋଷ ବେହେରା ପ୍ରମୁଖ ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି। ଏସ୍‌ପି ଚରଣ ସିଂ ମୀନା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସୂଚନା ଫଳକରେ ସୀମିତ ସୌନ୍ଦର୍ଯ୍ୟକରଣ

■ମାଣଡ୍ରୀ କଖାରୁଆ ବୈଦ୍ୟନାଥ ମନ୍ଦିର

■ଘୋଷଣା ସରିଛି, ଅନୁଦାନକୁ ଅପେକ୍ଷା

ବାରିପଦା ଅଫିସ,୧୬।୬

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମାଣଡ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ହେଉ ନ ଥିବାରୁ ଶ୍ରଦ୍ଧାଳୁ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକ ଦେଖାଣିଆ ଭାବେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ମନ୍ଦିର ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ମଧ ଉନ୍ନତିକରଣ ଲାଗି କୌଣସି ତତ୍ପରତା ପ୍ରକାଶ ପାଇନାହିଁ। କେବଳ ପର୍ଯ୍ୟଟନ ବିଭାଗର ଏକ ସୂଚନା ଫଳକ ବ୍ୟତିତ କୌଣସି ଅନୁଦାନ ମିଳିନାହିଁ। ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ବର୍ଷେ ପୂରିବାକୁ ଯାଉଥିବାରୁ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

୧୨ଜୁନ ୨୦୨୧ ଜୁନ୍ ୧୨ରେ ମୟୂରଭଞ୍ଜ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ଉତ୍ତର ଓଡ଼ିଶାର ଏହି ପ୍ରାଚୀନ ଶୈବ ପୀଠର ଉନ୍ନତିକରଣ ନିମନ୍ତେ ୫୦ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୨୧ ଜୁଲାଇ ୨୭ରେ ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମାଣଡ୍ରୀଗସ୍ତରେ ଆସି ମନ୍ଦିରର ଉନ୍ନତି କରଣ ନିମନ୍ତେ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ ବୋଲି ସର୍ବସାଧାରଣରେ ପ୍ରକାଶ କରିଥିଲେ। ଏହି ଅର୍ଥରେ ପୁରାତନ ମନ୍ଦିରର ବେଢ଼ା ଓ ଭିତରପାର୍ଶ୍ୱ ମରାମତି, ମନ୍ଦିରକୁ ଲାଗିଥିବା ଜଳାଶୟରେ ବୋଟିଂ ବ୍ୟବସ୍ଥା ସହିତ ଏକ ଝୁଲାପୋଲ ନିର୍ମାଣ, ପାର୍କ ଓ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ, ସ୍ୱାଗତ ତୋରଣ ନିର୍ମାଣ, ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ମାଣଡ୍ରୀ କଲେଜ ସମ୍ମୁଖରେ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ବିଭାଗ ପାଇଁ ଉଦ୍ଦିଷ୍ଟ ୩ ଏକର ଜମିକୁ ଚିହ୍ନଟ କରି ଦଖଲମୁକ୍ତ କରିବାକୁ ମନ୍ତ୍ରୀ ବଡ଼ସାହି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନତିକରଣ କାର୍ଯ୍ୟର ରୂପରେଖ ଓ ଅଟକଳ ପ୍ରସ୍ତୁତି ଆରମ୍ଭ ସାଙ୍ଗକୁ ସେପ୍ଟେମ୍ବର ମାସରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ମନ୍ତ୍ରୀ ଘୋଷଣା କରିଥିଲେ ବୋଲି ମାଣଡ୍ରୀର ଦେବାଶିଷ ରଞ୍ଜନ



ମାଣଡ୍ରୀ କଖାରୁଆ ବୈଦ୍ୟନାଥ ମନ୍ଦିର।

ଦାଶ, ଭାନୁଶଙ୍କର ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ମନ୍ଦିରର ପରିଚ୍ଛା ପ୍ରଦୀପ କୁମାର ପଣ୍ଡାଙ୍କ ପୌରହିତ୍ୟରେ ବହୁ ନେତୃବୃନ୍ଦ ଉପସ୍ଥିତ ରହି ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ଓ ମନ୍ଦିରର ପୁନଃରୁଦ୍ଧାର କରିବାକୁ ନେଇ ଆଲୋଚନା କରିଥିଲେ। ସେବାୟତମାନଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ସେହିପରି ଆଇଟିଡିଏ ପକ୍ଷରୁ ମନ୍ଦିର ପରିସର ଚଟାଣରେ ଟାଇଲ ବିଛାଇବା କାର୍ଯ୍ୟ ବିବାଦ ଯୋଗୁ ବନ୍ଦ ରହିଛି। ଏପରି ସ୍ଥଳେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ମାଣଡ୍ରୀ ମନ୍ଦିର କେବଳ କାଗଜପତ୍ରରେ ସୀମିତ ରହିଛି ବୋଲି ଅଞ୍ଚଳର ସରୋଜ ନାଏକ, ବାସନ୍ତୀ ପାତ୍ର ଓ ଜଗନ୍ନାଥ ନାଏକ କହିଛନ୍ତି। ତେବେ ଜିଲାରେ ଥିବା ମଠ ମନ୍ଦିର ମଧ୍ୟରୁ ଦେବୋତ୍ତର ବିଭାଗକୁ ସିଂହଭାଗ ରାଜସ୍ୱ ଯୋଗାଉଥିବା ବୈଦ୍ୟନାଥ ମନ୍ଦିରର ଉନ୍ନୟନ କାର୍ଯ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି । ଲକ୍ଷ ଲକ୍ଷ ଭକ୍ତଙ୍କ ସୁଅ ଛୁଟୁଥିବା ମାଣଡ୍ରୀ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଲେ ପୁରୁଣା ଐତିହ୍ୟ ଜୀବନ୍ତ ହୋଇ ଉଠିବ ବୋଲି ଶ୍ରଦ୍ଧାଳୁମାନେ ମତବ୍ୟକ୍ତ କରିଛନ୍ତି ।

## ସେଣ୍ଡକାପରେ ରଜ ମହୋତ୍ସବ

କେନ୍ଦୁଝର ୧୬।୬ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକର ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ରଜ ମହୋତ୍ସବ-୨୦୨୨ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ଶରତ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ମଝି ରଜରେ ପାଗ ଅନୁକୂଳ ଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ପୁଅ ଝିଅଠାରୁ ଆରମ୍ଭ କରି ବୃଦ୍ଧା ବୃଦ୍ଧ ସମସ୍ତେ ମହୋତ୍ସବ ବୁଲିବା ସହ ବିଭିନ୍ନ ପ୍ରକାର ଦୋଳି ଖେଳି ମଜା ଉଠାଇଛନ୍ତି। ହାଣ୍ଡିପିଟା, ମ୍ୟୁଜିକ ଚେୟାର, ଛୁଞ୍ଚି ସୂତା, ବେଲୁନ ଫୁଙ୍କା, ପୁଚି ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବର ଦ୍ୱିତୀୟ ଦିନରେ ବାଳିକା, ମହିଳା ଓ ପୁରୁଷମାନଙ୍କୁ ନେଇ ଭିନ୍ନ ଭିନ୍ନ ବିଭାଗର ଦୌଡ଼ିଚଣା, ଆଳୁ ଚାମଚ, ଶଙ୍ଖଫୁଙ୍କା, ବେଲୁନ ଫୁଟା, ଲଡୁ ରେସ୍ ଆଦି ପ୍ରତିଯୋଗିତା କରାଯାଇଥିଲା। ସୁମିତ୍ରା ଦଣ୍ଡପାଟ, ସରୋଜିନୀ ନାଏକ, ବୁଦ୍ଧିଆ ନାଏକ, ରସାନନ୍ଦ ଘଣା, ଗାଲମାଧବ ପଲେଇ, ପଦ୍ମନାଭ, ବୈରାଗୀ, ପବନା, ପରମେଶ୍ୱର, ଦେବେନ୍ଦ୍ର, କାର୍ତ୍ତିକ, ଯୁଧିଷ୍ଠିର, କେଶବ, ହାଡୁ, ଦେବାନନ୍ଦ ପ୍ରମୁଖ ସେଣ୍ଡକାପ ରଜ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଶୁକ୍ରବାର ମହୋତ୍ସବ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# 'ରଜ ଉତ୍କଳୀୟ ଭାଇଚାରାର ଶ୍ରେଷ୍ଠ ନିଦର୍ଶନ'



ଉତ୍ସବରେ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଧାମନଗର,୧୬।୬(ସ୍ୱ.ପ୍ର.)

ରଜ ଉତ୍କଳୀୟ ଭାଇଚାରାର ଶ୍ରେଷ୍ଠ ନିଦର୍ଶନ ବୋଲି ଭଦ୍ରକ ଜିଲା ଧାମନଗର ବ୍ଲକ ସରପୁରଠାରେ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ଉଦ୍‌ଘାଟନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୁଧବାର ସନ୍ଧ୍ୟାରେ ଖବରଦାତା ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ବିଜୟ ଦାସ, ବରିଷ୍ଠ ଭାଜପା ନେତା ବଦ୍ରି ନାରାୟଣ ଧଳ, ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସାମାଜିକ ଗଣମାଧମ ସଂଯୋଜକ ସୂର୍ଯ୍ୟବଂଶୀ ସୂରଜ, ଆମ କଲମର ସମ୍ପାଦକ ସାରଥୀ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ବେହେରା, ଯୁବନେତା ଶ୍ରୀକାନ୍ତ ନାୟକ, ଯୁବ ସାମାଜିକ କର୍ମୀ ସୂରଜ କୁମାର ସାହୁ, ପୂର୍ବତନ ସରପଞ୍ଚ ଗୟାଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ଧନେଶ୍ୱର ସାହୁ, ସେବାନିବୃତ୍ତ ପ୍ରଧାନଶିକ୍ଷୟିତ୍ରୀ ଆଦରମଣି ସାହୁ, ଖବରଦାତା କୃଷ୍ଣଚନ୍ଦ୍ର ଜେନା, ବିଦ୍ୟୁତ୍ ବିଭାଗର ସେବାନିବୃତ୍ତ ଅଧିକାରୀ ଫକୀର ମୋହନ ସାହୁ ଓ କବି ବୈକୁଣ୍ଠ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରଞ୍ଜନ ସାହୁ ଅତିଥି ପରିଚୟ ଓ ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସତ୍ୟସୁନ୍ଦର ଚିନ୍ଦ୍ରା ଧନ୍ୟବାଦ ଦେଇଥିଲେ। ସର୍ବେଶ୍ୱର ଯୁବକ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଦିବାସୀ ସେଙ୍ଗେଲ ଅଭିଯାନର ଗଣଧାରଣା

ବାରିପଦା ଅଫିସ,୧୬।୬

ଆଦିବାସୀ ଗ୍ରାମ ସମାଜରେ ଜନତନ୍ତ୍ର, ସମ୍ବିଧାନ ଆଇନ ଓ ମାନବାଧିକାର ଆଇନକୁ ଜିଲା ପୋଲିସ ପ୍ରଶାସନ ଦ୍ୱାରା ଲାଗୁକରିବା ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତରେ ସମ୍ବିଧାନ ଲାଗୁ ହେବା ପରଠାରୁ ଆଦିବାସୀମାନଙ୍କ ଜନତନ୍ତ୍ର, ସମ୍ବିଧାନ ଆଇନ ଓ ମାନବାଧିକାର ଆଇନକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଦ୍ୟାବଧି ଲାଗୁ କରି ନାହାନ୍ତି। ଫଳରେ ଆଦିବାସୀ ଗ୍ରାମ ସମାଜରେ ନିଶା ସେବନ, ଅନ୍ଧବିଶ୍ୱାସ, ଡାହାଣୀ ପ୍ରଥା, ଜରିମାନା, କଙ୍ଗାରୁ କୋର୍ଟ ବାରଣ, ସାମାଜିକ ବହିଷ୍କାର, ବାସନ୍ଦ, ଭୋଟ କିଣାବିକା, ଆଦିବାସୀ ମହିଳା ବିରୋଧି ମାନସିକତା, ଇର୍ଷା-ଦ୍ୱେଷ ଏବଂ ବଂଶ ପରମ୍ପରାଗତ ଆଦିବାସୀ ସୁଶାସନ ବ୍ୟବସ୍ଥା ଆଦିରେ ସୁଧାର ଆସିବାରେ ବିଳମ୍ବତା ପ୍ରକାଶ ପାଇଛି । ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ଆବାହକତ୍ୱରେ ଓଡ଼ିଶା ସମେତ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ ରାଜ୍ୟର ଜିଲା ମୁଖ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଯୋଜକ ବୁଡାନ ମାରାଣ୍ଡି, ରାଜ୍ୟ ସଭାପତି ଶାଙ୍ଖାର ବାସ୍କେ, ଜିତେନ୍ଦ୍ର ନାଥ ହେମ୍ବ୍ରମ, ଚନ୍ଦ୍ର ସୋରେନ, ପିଥ ମାଝୀ, ବାହାଦୁର ମୁର୍ମୁ, ମାଧବ ମୁର୍ମୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଆଇନ କରତକଳକୁ ବିଦ୍ୟୁତ୍ ସଂଯୋଗ

**ବିଦ୍ୟୁତ୍ ବିଭାଗର ଅଜବ ନୀତି**

**ବନବିଭାଗ ଚୁପ୍**

ରୂପ୍‌ସା, ୧୬।୬(ଡି.ଏନ.ଏ.)

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ବସ୍ତା ବ୍ଲକ ଅନ୍ତର୍ଗତ ସରିସା ଗାଁରେ ଚାଲୁଥିବା ଏକ ବେଆଇନ କରତକଳ ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ ବିଭାଗ ତରଫରୁ ଏହି କରତକଳକୁ ସଂଯୋଗ ଦିଆଯାଇଥିବାରୁ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ବନବିଭାଗ ନିକଟରେ ବାରମ୍ବାର ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜଘାଟ ବିଦ୍ୟୁତ ସେକ୍ସନ ଅଧୀନ ଗଜେନ୍ଦ୍ରନାଥ ଚନ୍ଦ ଜଙ୍ଗଲ ପାର୍ଶ୍ୱ ଜମିରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଇ ୨୦ବର୍ଷ ଧରି ଅବାଧରେ ଉକ୍ତ ବେଆଇନ କରତକଳ ଚଳାଇଆସୁଛନ୍ତି। ଫଳରେ କାଠ ମାଫିଆମାନେ ଜଙ୍ଗଲରୁ ନିୟମିତ ମୂଲ୍ୟବାନ ଗଛ କାଟି ଏହି କରତକଳରେ କାଠ କାଟି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଛି। ହେଲେ ଉଭୟ ବିଦ୍ୟୁତ ବିଭାଗ ଓ ବନବିଭାଗ ସଲାସୁତୁରାରେ ଏହି କରତକଳ ଚାଲୁଥିବାରୁ କାଠମାଫିଆ, କରତକଳ ମାଲିକ ଏପରି କରୁଥିବା ଦେଖିବାକୁ ମିଳିଛି। ଏହାଛଡ଼ା ସରିସା ପ୍ରାଥମିକ ବିଦ୍ୟାଳୟ ନିକଟରେ ଏହି କରତକଳ ଥିବାରୁ ଅସନ୍ତୋଷ ବଢ଼ିଚାଲିଛି। ଏନେଇ ସ୍ଥାନୀୟ ବାସିନ୍ଦା ନାରାୟଣ ବିଶ୍ୱାଳ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସ୍‌ଡିଓ ଡିଏନ ବେହେରାଙ୍କୁ ପଚରାଯିବାରୁ ସେ କହିଲେ ବିଭାଗୀୟ ଅନୁମୋଦନକ୍ରମେ ସ୍ମଲ ଇଣ୍ଡଷ୍ଟ୍ରି ସ୍କିମରେ ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। କରତକଳ ଚାଲୁଥିବା ଅଭିଯୋଗ ମୁତାବକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



ସରିସା ଗାଁରେ ଥିବା ବେଆଇନ କରତକଳ।

# ପାରିବାରିକ ବିବାଦରୁ ସଂଘର୍ଷ: ୪ ଗୁରୁତର

ବାରିପଦା ଅଫିସ,୧୬।୬

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ସିନ୍ଦୂରଗୌରା ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୪ଜଣ ଗୁରୁତର ହୋଇଛନ୍ତି । ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରି ଉଭୟ ପରିବାର ଲୋକେ କ୍ଷତବିକ୍ଷତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ବାରିପଦା ପିଆର୍‌ଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଲକ୍ଷ୍ମୀପ୍ରିୟା ବାରିକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୯୬/୨୨) ଏବଂ ୱାର୍ଡସଭ୍ୟା କନକ ମଞ୍ଜରୀ ମହାନ୍ତଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା(ନଂ. ୯୭/୨୨) ରୁଜୁ କରି ଜଣକୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସୂଚନା ଅନୁଯାୟୀ, ବାରିପଦା କାଳିକାପୁର ଅଞ୍ଚଳର ଲକ୍ଷ୍ମୀ ବାରିକଙ୍କ ସହ ସିନ୍ଦୂରଗୌରା ଗ୍ରାମର ବିକାଶ ବାରିକଙ୍କ ବିବାହ ସମ୍ପନ୍ନ ହୋଇଥିଲା। କୌଣସି କାରଣକୁ ନେଇ ଦୁଇ ପରିବାର ମଧ୍ୟରେ ବଚସା ହେବା ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହାକୁ ନେଇ ଲକ୍ଷ୍ମୀଙ୍କ ବାପ ଘର ଲୋକେ ଠେଙ୍ଗାବାଡ଼ି ଧରି ସିନ୍ଦୂରଗୌରା ଗ୍ରାମକୁ ଯାଇଥିବା ବେଳେ ଉଭୟ ପରିବାର ଲୋକଙ୍କ ମଧ୍ୟରେ ମାରପିଟ ଲାଗିଥିଲା। ୱାର୍ଡସଭ୍ୟା କନକ ମଞ୍ଜରୀ ଓ ତାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ବୁଝାସୁଝା କରୁଥିବା ସମୟରେ ସେମାନେ ମଧ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଘଟଣାକୁ ନେଇ ଥାନାଧିକାରୀ ଓ ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଶ୍ରେଷ୍ଠ ରକ୍ତଦାତା ଭାବେ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧନା

**ବିଶ୍ୱ ରକ୍ତଦାତା ଦିବସ ପାଳିତ**

ନୀଳଗିରି, ୧୬।୬(ସ୍ୱ.ପ୍ର)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଭଣ୍ଡାର ଓ ନୀଳଗିରି ରକ୍ତଦାତା ସଂଘର ମିଳିତ ସହଯୋଗରେ ୧୯ତମ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ନୀଳଗିରି ରକ୍ତଦାତା ସଂଘ ସମ୍ପାଦକ ବିଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ସଭାରେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ. ସରୋଜିନୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ରକ୍ତଦାତା ଦିବସରେ ସମସ୍ତ ସୁସ୍ଥ ବ୍ୟକ୍ତି ରକ୍ତଦାନ କରିବା ସକାଶେ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଧାରଣ ସମ୍ପାଦକ ଡ. ହୃଷିକେଶ ସାହୁ, ବିଶିଷ୍ଟ ଉପଦେଷ୍ଟା ରବି ରାଉତ, ନୀଳଗିରି ରକ୍ତ କେନ୍ଦ୍ରର ଅଧିକାରୀ ଡା. ତ୍ରିନାଥ ପାଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ନୀଳଗିରି ଉପଖଣ୍ଡର ଶ୍ରେଷ୍ଠ ରକ୍ତଦାତା ଭାବେ ଓ ବିଭିନ୍ନ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଥିବା ଦିବ୍ୟାଙ୍ଗ ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାୟାଧର ମାହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ ପାଣ୍ଡା, ଗତିକୃଷ୍ଣ ମାହାନ୍ତି, ସଂଗ୍ରାମ ମହାପାତ୍ର, ତପସ୍ୱିନୀ ପଣ୍ଡା, ଲକ୍ଷ୍ମୀଧର ବାରିକ୍, ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ ଏଥିରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶ୍ରେଷ୍ଠ ରକ୍ତଦାତା।

# ଶବରୀ ନାଚରେ ଝୁମୁଛି ବଣଭୂଇଁ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୬।୬

ପ୍ରତି ଓଡ଼ିଆ ରଜ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକେ ମଧ ଏହାକୁ ହାତଛଡ଼ା ନ କରି ମଜା ଉଠାଇଥାନ୍ତି। ସେମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବା ସହ ନାଚ, ଗୀତରେ ମସ୍‌ଗୁଲ ହୋଇଥାନ୍ତି। ଏକାଠି ସଂଘବଦ୍ଧ ଭାବେ ହାତକୁ ହାତ ଧରି ଅଣ୍ଟା ଅଣ୍ଟା ଧରି ଦଳ ଦଳ ହୋଇ ଡାହାଣକୁ ମାଡି ନାଚନ୍ତି। ବଣଜଙ୍ଗଲରେ ଏହି ଆଦିବାସୀମାନେ ରହୁଥିବାରୁ ସେମାନଙ୍କୁ ଶବରୀ କୁହାଯାଉଥିବାରୁ ନାଚକୁ ମଧ ଶବରୀ ନାଚ କୁହାଯାଏ। ନୃତ୍ୟଗୀତରେ ଝୁମିଉଠେ ଜଙ୍ଗଲ ପରିବେଶ।

କେନ୍ଦୁଝର ଜିଲାର ବିସ୍ତାପାଳ, ଗୁମୁରା ଆଦି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ରଜପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି। ନିଜର ପାରମ୍ପରିକ ବାଦ୍ୟ ବା ହାତ ତାଳି ମାରି ସେମାନେ ନୃତ୍ୟଗୀତ



ମଜିଯାଇଛନ୍ତି। ଛୋଟ ପିଲାଙ୍କଠାରୁ ବୃଦ୍ଧାବୃଦ୍ଧ ସମସ୍ତେ ଏହାର ଆନନ୍ଦ ଉଠାଉଛନ୍ତି। ରାମାୟଣ, ମହାଭାରତ, ସାମାଜିକ ବସ୍ତୁ, ଜୀବନ ଦର୍ଶନ, ପ୍ରେମୀଭିତ୍ତିକ ଆଦି ବିଷୟବସ୍ତୁ ଗାଇବା ସହ ସ୍ୱତନ୍ତ୍ର ଭାବେ ନୂଆ ଲୁଗା ପିନ୍ଧି, ପିଠାପଣା ଖାଇ ରଜ ପାଳନ କରିଥାନ୍ତି। ତେବେ ରଜରେ ଧରିତ୍ରୀ ବା ମା' ଓ ରଥରେ ବଳଦେବଜୀଉ ବା ବାପା ଭାବେ ଆଦିବାସୀମାନେ ପୂଜାର୍ଚ୍ଚନା କରିଥାନ୍ତି। ଅନେକ ଅଞ୍ଚଳରେ ଏହା ଲୋପ ପାଇବାକୁ ବସିଥିବା ବେଳେ କେତେକ ସଙ୍ଗଠନ ଏହାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଆସୁଛନ୍ତି । ଏହି ସ୍ୱତନ୍ତ୍ର ଶବରୀ ନୃତ୍ୟ ବେଳେ ସେମାନଙ୍କ ମଧ୍ୟରେ ଗୀତ ବା ଢଗଢମାଳି ଭାବେ

**ରଜରେ ମସଗୁଲ୍ ଆଦିବାସୀ**

ପ୍ରଶ୍ନୋତ୍ତର କରି ଭାବର ଆଦାନ ପ୍ରଦାନ କରିଥାନ୍ତି । ଅନେକ ସମୟରେ ସେମାନେ ମନରୁ ଭାବନାରୁ ପ୍ରଶ୍ନ କରି ଉତ୍ତର ପଚାରିଥାନ୍ତି। ଅନ୍ୟ ଦଳ ତାହାର ଉତ୍ତର ଦେଇଥାନ୍ତି। ଏହି ନାଚକୁ ପ୍ରଶ୍ନ ଓ ଉତ୍ତରକୁ ଦର୍ଶକମାନେ ଶୁଣି ଠିକ୍ ଉତ୍ତର ମିଳିଲେ ତାଳି ମାରି ସ୍ୱାଗତ କରିଥାନ୍ତି। ବଣଜଙ୍ଗଲରେ ରହୁଥିବା ଜୁଆଙ୍ଗ, ଭୂୟାଁ, ମୁଣ୍ଡା, ସାନ୍ତାଳ, ବାଥୁଡି, ଗଣ୍ଡ ଆଦି ବନବାସୀମାନେ ଏହି ଉତ୍ସବ ପାଳନ କରିଥାନ୍ତି। ଅନେକ ସମୟରେ ସ୍ଥାନୀୟ ଭାଷା ଓ ଲିପି ଯୋଡି ଗାଇଥାନ୍ତି। ଏ ନେଇ ଗବେଷକ ଡ. କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ଏହା ସେମାନଙ୍କ ବଂଶଗତ ନୃତ୍ୟ। କୌଣସି ଉତ୍ସବ ସମୟରେ ଦଳବଦ୍ଧ ହୋଇ ନୃତ୍ୟଗୀତ କରିଥାନ୍ତି ଯାହାକୁ ଶବରୀ ନୃତ୍ୟ ବୋଲି କୁହାଯାଏ। ଭୂମି ମାତାକୁ ସ୍ୱାଗତ କରିବା ପାଇଁ ଏଭଳି ଦଳବଦ୍ଧ ହୋଇ ଏକତ୍ର ନୃତ୍ୟଗୀତ କରିଥାନ୍ତି।

## ସଂକ୍ଷେପରେ

### ନୀଳଗିରି ଏନ୍‌ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ

ନୀଳଗିରି, ୧୬।୬(ସ୍ୱ.ପ୍ର.)-ଦୀର୍ଘ ମାସ ଧରି ନୀଳଗିରି ଏନ୍‌ଏସିରେ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ



ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ କାର୍ଯ୍ୟଭାର ତୁଲାଇ ଆସୁଥିବା ବେଳେ ଗୁରୁବାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅକ୍ଷୟ କୁମାର ବଡୁ ଯୋଗଦାନ କରିଛନ୍ତି। ଏହାପୂର୍ବରୁ ବଡୁ ବେଲପାହାଡ଼ ମ୍ୟୁନିସିପାଲିଟିରେ କାର୍ଯ୍ୟନିବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ନୀଳଗିରି ଏନ୍‌ଏସିରେ ୧୩ଗୋଟି ୱାର୍ଡ଼ରେ ପରିମଳ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେବା ସହ ସରାରଙ୍କର ବିଭିନ୍ନ ଯୋଜନାରେ ଆସୁଥିବା କାର୍ଯ୍ୟକୁ ସୂଚାରୁ ରୂପେ ରୂପାୟନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ ନୂତନ ଅଧିକାରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି।

### ଅନ୍ନପୂର୍ଣ୍ଣା ମିଲ୍ କ୍ୟାମ୍ପସରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ସୋର, ୧୬।୬(ଡି.ଏନ୍.ଏ.)-ବୁଧବାର ରାତିରେ ସୋର ମ୍ୟୁନିସିପାଲିଟି ଅଧୀନ କମରପୁରସ୍ଥିତ ଅନ୍ନପୂର୍ଣ୍ଣା ମିଲ କ୍ୟାମ୍ପସ୍ ପରିସରରେ ଘର ମାଲିକଙ୍କ ଅନୁପସ୍ଥିତିରେ ଝରକା ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି କ୍ୟାମ୍ପସ୍‌ରେ ନିଜ ଘରେ ରହୁଥିବା ୟୁଏନ୍ କଲେଜ କର୍ମଚାରୀ ପ୍ରଭାକର ମିଶ୍ର ମଝି ରଜରେ ପରିବାର ସହ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ଏହି ଚୋରି ହୋଇଛି। ପଛପଟ ଝରକା ଗ୍ରୀଲ କାଟି ଘରେ ପଶିବା ପରେ ଆଲମିରା ଭାଙ୍ଗି କାନଫୁଲ, ଲକେଟ୍ ଓ ଅନ୍ୟାନ୍ୟ ଗହଣା ଚୋରି କରିଛନ୍ତି। ଗୁରୁବାର ସକାଳେ ମିଶ୍ର ଘରକୁ ଆସି ଚୋରି ହୋଇଥିବା ଜାଣି ସୋର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରୁଛି। ଗତ ଦୁଇ ବର୍ଷ ତଳେ ମିଶ୍ରଙ୍କ ସେହି ଘରୁ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରିଥିଲେ ବି ପୋଲିସ ଏଯାଏ ଚୋରଙ୍କ ଟେର ପାଇପାରିନାହିଁ।

### ବିଦ୍ୟୁତ୍ ଶର୍ଟ୍ ସର୍କିଟରୁ ଜଳିଗଲା ଘର

ପଦ୍ମପୁର, ୧୬।୬(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମପୁର ପଞ୍ଚାୟତ ମେଳକସାହିର ବାଇଧର ବେହେରାଙ୍କର ଘର ଗୁରୁବାର ପୂର୍ବାହ୍ନରେ ବିଦ୍ୟୁତ୍ ଶର୍ଟ୍ ସର୍କିଟରୁ ନିଆଁ ଲାଗି ଜଳିଯାଇଛି। ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ନିଆଁ ଲିଭାଇବା ସହ ବାସୁଦେବପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ବୈଶିଙ୍ଗା, ୧୬।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା-ମାଣତ୍ରୀ ରାସ୍ତାର କେନ୍ଦୁଆ ଶିବ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମର ଜଟିଆ ଦେହୁରୀ। ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

# ବିକଳ୍ପ ବ୍ୟବସ୍ଥା କରିବା ପାଇଁ କମ୍ପାନୀକୁ ତାଗିଦ୍

କେନ୍ଦୁଝର, ୧୬।୬(ସ୍ୱ.ପ୍ର.)

ଭାରିଯାନ ଚଳାଚଳ ଯୋଗୁ କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ଅନ୍ତର୍ଗତ ଜାମୁଡିହା-ବିସ୍ତାପାଳ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ୧.୪୨କୋଟି ଟଙ୍କା ବ୍ୟୟରେ ନିର୍ମିତ ଦୀର୍ଘ ୨.୬୦୭ କି.ମି ବିଶିଷ୍ଟ ଏହି ରାସ୍ତା ଏବେ ଅସୁରକ୍ଷିତ ହୋଇ ପଡ଼ିଛି। ରାସ୍ତା ନିର୍ମାଣର କିଛି ବର୍ଷ ମଧ୍ୟରେ ନଷ୍ଟ ହୋଇ ଯାଇଥିବା ବେଳେ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇ ପଡ଼ିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଦର ବିଧାୟକ ମୋହନ ମାଝି ମଧ୍ୟ ନିକଟରେ ଏକ ବୈଠକରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତେବେ କମ୍ପାନୀର ଭାରୀଯାନ ଚଳାଚଳ ଯୋଗୁ ଏହି ରାସ୍ତା ନଷ୍ଟ ହୋଇଥିବାରୁ କାରଖାନା କର୍ତ୍ତୃପକ୍ଷ ୭୫ ଲକ୍ଷ ଟଙ୍କା ଜମା କଲେ ରାସ୍ତା ମରାମତି ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ପକ୍ଷରୁ ଚିଠି କରାଯାଇଛି। ନଚେତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କରେ ଭାରିଯାନ ଚଳାଚଳ ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି।



ଶୋଚନୀୟ ହୋଇ ପଡ଼ିଥିବା ଜାମୁଡିହା-ବିସ୍ତାପାଳ ରାସ୍ତା।

ଏହି ରାସ୍ତାରେ ସ୍ଥାନୀୟ ମୁରୁସୁଆଁ ସ୍ଥିତ ଏକ କାରଖାନାର ଲୁହାପଥର ଓ ସ୍ପଞ୍ଜ ବୋଝେଇ ଓଜନଦାର ଟ୍ରକ, ଟ୍ରଲର ଆଦି ଯାତୟାତ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଆସୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଆଦେଶ ଦିଆଯାଇଥିବା ସତ୍ତ୍ୱେ କମ୍ପାନୀ ନିଜସ୍ୱ ରାସ୍ତା ବ୍ୟବହାର ନ କରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ପିଚୁ ଉଠିଯାଇ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। ଏହି ରାସ୍ତା ଉପରେ ବିସ୍ତାପାଳ, ମୁରସୁଆଁ, ଜାମୁଡିହା, ନୂଆଗାଁ, ବିରକିଶୋରପୁର, ବିସ୍ତାପାଳ, ଭାଲୁପାଳିସାହି, ଖପରାଖାଇ, ଜାମୁପୋଶି, ରାଇକଳା, ଭାଲୁକା, ତାରତଖମଣ, ଟିଆଳିପଶି, ମଙ୍ଗଳାପଶି, ଅର୍ଶଳା ଆଦି ଅଞ୍ଚଳର ଗ୍ରାମବାସୀମାନେ ନିର୍ଭର କରନ୍ତି। ତେବେ ରାସ୍ତାର କ୍ଷମତାଠାରୁ ବହୁ ଅଧିକ ଓଜନର ମାଲ ପରିବହନ ହେଉଥିବାରୁ ଲୋକେ ବିରୋଧ କରୁଥିଲେ ହେଁ ପ୍ରଶାସନ

### ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଶୋଚନୀୟ

ଶୁଣୁ ନାହିଁ। ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ପ୍ରତିକାର ହେଉନାହିଁ। କାରଖାନା ଓ ଚଳାଚଳ କରୁଥିବା ଗାଡ଼ିର ଧୂଳିଧୂଆଁ ପ୍ରଦୂଷଣ ସାଙ୍ଗକୁ ବିପର୍ଯ୍ୟସ୍ତ ରାସ୍ତା ଲୋକଙ୍କ ଦୁଃଖ ବଢାଇ ଦେଉଥିବା ସ୍ଥାନୀୟ ଅଧିବାସୀ ଘନଶ୍ୟାମ ନାୟକ କହିଛନ୍ତି।

ଏ ସଂକ୍ରାନ୍ତରେ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଶତପଥୀ କୁହନ୍ତି, ଯେହେତୁ କମ୍ପାନୀ ଗାଡ଼ି ଚଳାଚଳ ଯୋଗୁଁ ରାସ୍ତା ଭାଙ୍ଗିଛି, ଏଣୁ ୭୫ ଲକ୍ଷ ଟଙ୍କା ଜମା କଲେ ରାସ୍ତା ମରାମତି ହେବ ବୋଲି କୁହାଯାଇଛି। ସେହିପରି କନିଷ୍ଠ ଯନ୍ତ୍ରୀ ସରୋଜ ସେନାପତି କହିଛନ୍ତି ଯେ, ଉକ୍ତ ରାସ୍ତାରେ କାରଖାନାର ଭାରୀଯାନ ଚଳାଚଳ କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ମରାମତି ପାଇଁ ଯେଉଁ ଟଙ୍କା ଆସିଛି ସେଥିରେ ହୋଇ ପାରିବ ନାହିଁ। ଏଣୁ କାରଖାନା କର୍ତ୍ତୃପକ୍ଷ ବିକଳ୍ପ ରାସ୍ତା ନିର୍ମାଣ କରିବାକୁ କୁହାଯାଇଛି।

# ଭଦ୍ରକରେ କର୍ଦ୍ଦମ ଦିବସ



ନଦୀ କୂଳରେ ଦେହରେ କାଦୁଅ ବୋଳି ହେଉଛନ୍ତି ପରିବେଶବିତ୍ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୧୬।୬

ଭଦ୍ରକ ସହରର ବିଶିଷ୍ଟ ପରିବେଶବିତ୍, ଅବସରପ୍ରାପ୍ତ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ୨୦୧୦ ଜୁନ୍ ୧୬ରେ ସାଳନ୍ଦୀ ନଦୀ କୂଳରେ ବିଶ୍ୱ କର୍ଦ୍ଦମ ଦିବସ ପାଳିତ ହୋଇଆସୁଛି। ଗୁରୁବାର ସାଳନ୍ଦୀ କୂଳରେ ଏହି ଦିବସ ପାଳନ ଅବସରରେ ଜିଲାର ବିଭିନ୍ନ ବ୍ଲକରୁ ପରିବେଶବିତ୍ ଓ ଅନ୍ୟମାନେ ଆସି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଧାମନଗର ବ୍ଲକର କୋରୁଆରୁ କୃଷକ ଭାଗୀରଥି ବେହୁରିଆ, ଯୁବ ସାମାଜିକ କର୍ମୀ ଦେବେନ୍ଦ୍ର ସେଠୀ, ପରିବେଶବିତ୍ କାଳନ୍ଦୀ ମଲ୍ଲିକ, ଅସୁରାଳିରୁ କୃଷକ ନେତା ସୀତାଂଶୁ ସାମଲ, କୃଷକ କୃଷ୍ଣଚନ୍ଦ୍ର ସାମଲ, ସେବାନିବୃତ୍ତ ସେନାଧିକାରୀ ଗଗନ ମହାନ୍ତି, ଭଦ୍ରକ ବ୍ଲକର କଲେଇ, ତିହିଡ଼ିର ବିଲଣା, ବିନ୍ଧା, ଭଦ୍ରକ ସହରାଞ୍ଚଳରୁ ଶିକ୍ଷାବିତ୍ ନିରଞ୍ଜନ ସେଠୀ, ପ୍ରକାଶ ବାରିକ, ସୀତାକାନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ମାଟି-ପାଣି-ପବନ ସହ ଶରୀରର ସମ୍ପର୍କ ରହିଲେ ସୁସ୍ଥ ସମାଜ ଗଠନ ହୋଇ ପରିବେଶର ସୁରକ୍ଷା ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପରେ ନଦୀପଠାରେ ଦେହରେ କାଦୁଅ ବୋଳି ହୋଇ ସମାଜକୁ ମାଟି ମନସ୍କ ରହିବାକୁ ବାର୍ତ୍ତା ଦେଇଥିଲେ। ଅଧିବକ୍ତା ରାଧାକାନ୍ତ ତ୍ରିପାଠୀ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କଳାକାର କାଳନ୍ଦୀ ମଲ୍ଲିକ ଉକ୍ତ ଦିବସର ମହନୀୟ ବାର୍ତ୍ତା ପ୍ରଦାନ କରିଥିଲେ।

## ଉତ୍ସାହ, ଉଦ୍ଦୀପନାର ପ୍ରତୀକ ଥିଲେ ବେଣୁମାଧବ

ବାଲେଶ୍ୱର ଅଫିସ, ୧୬।୬

ବାଲେଶ୍ୱର ଏଡ଼ିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ଡ. ବେଣୁମାଧବ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଗୁରୁବାର ପାଳିତ ହୋଇଛି। ଆଇନଜୀବୀ ହରେକୃଷ୍ଣ ଦାସ ସଭାପତିତ୍ୱ କରି ଡ. ପଣ୍ଡା ଉତ୍ସାହ ଓ ଉଦ୍ଦୀପନାର ପ୍ରତୀକ ଥିଲେ ବୋଲି କହିଥିଲେ।

ବିଶିଷ୍ଟ କବି ପ୍ରଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୌରାଧକ୍ଷା ସବିତା ସାହୁ, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ବରିଷ୍ଠ ଖବରଦାତା ମଧୁସୂଦନ ଦାସ, କିଶୋର ଦାସ, ପ୍ରଜ୍ଞା ପରମିତା ମହାନ୍ତି, ସମାଜସେବୀ ବିକ୍ରମ ପଣ୍ଡା, ଭାବଗ୍ରାହୀ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଡ. ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ମଧାହ୍ନରେ ସୂର୍ଯ୍ୟ ବେଣୁମାଧବ' ନାମକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ।

## ଭାଜପା ପକ୍ଷରୁ ପ୍ରଣମ୍ୟପୂଜ୍ୟ ଗୁରୁ ଗୌରବ ସମ୍ମାନ

ଭଣ୍ଡାରିପୋଖରୀ, ୧୬।୬ (ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୮ ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଭଣ୍ଡାରିପୋଖରୀସ୍ଥିତ କାର୍ଯ୍ୟାଳୟରେ ୪ ଜଣଙ୍କୁ ପ୍ରଣମ୍ୟପୂଜ୍ୟ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଆଦର୍ଶ ଶିକ୍ଷକ, କବି ଅଚ୍ୟୁତାନନ୍ଦ ସାମଲ, ବ୍ୟଙ୍ଗକବି ଗୋଲକ ଚନ୍ଦ୍ର ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ ମହାନ୍ତି। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଭାଜପାର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠି, ଦଳୀୟ ନେତା ବଦ୍ରି ନାରାୟଣ ଧଳ, ବ୍ଲକ ସଭାପତି ଗିରିଶ ସାମଲ, ଆଧାପକ ତରଣୀ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ଉପସ୍ଥିତ ଅତିଥି।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ଜଳେଶ୍ୱର, ୧୬।୬(ଡି.ଏନ୍.ଏ.)

ଗୁରୁବାର ଅପରାହ୍ନରେ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟ ଶାନ୍ତିଆ ରେଳପୋଲ ନିକଟରେ ଏକ ଟ୍ରକ ଛିଡା ହୋଇଥିବା ବେଳେ ପଛପଟୁ ଦ୍ରୁତବେଗରେ ଅନ୍ୟ ଏକ ଟ୍ରକ୍ ପିଟି ହେବାରୁ ସେଥିରେ ଥିବା ୨ଜଣ ଗୁରୁତର ହୋଇଛନ୍ତି। ଭୂଷି ବୋଝେଇ ଟ୍ରକକୁ କେତେକ ଦଲାଲ ଛିଡା କରାଇ ଚାନ୍ଦା ଆଦାୟ କରୁଥିବା ବେଳେ ପଛପଟୁ ଅନ୍ୟ ଏକ ଗହମ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଛିଡା ହୋଇଥିବା ଗାଡିଟି ୧୦ ମିଟର ଦୂରକୁ ଠେଲି ହୋଇଯାଇଥିଲା। ସୂଚନାଯୋଗ୍ୟ ୬୦ନଂ ଜାତୀୟ ରାଜପଥର ଡାଉନ୍ ଲାଇନ୍ ମରାମତି ନାମରେ ଦୀର୍ଘମାସ ଧରି ବନ୍ଦ ରହିଥିବାରୁ ଅପ୍ ଲାଇନ୍ ସମସ୍ତ ଗାଡି ଚଳାଚଳ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗହମ ବୋଝେଇ ଟ୍ରକ୍ ମାଲଦାରୁ ଖୋର୍ଦ୍ଧା ଯାଉଥିବା ବେଳେ ଡ୍ରାଇଭର ରସିବୁଲ ଅଲ୍ଲି ଓ ହେଲପର ସୁବ୍ରଜିତ୍ ଗୁଚ୍ଛ ଗୁରୁତର ହୋଇ ଜିକେଭଞ୍ଜର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ଦମକଳ ବାହିନୀ ପହଞ୍ଚିଥିବା ଜଣାଯାଇଛି।

## ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ

କୁଆମରା, ୧୬।୬ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ମାର୍ଶୀଗାଁ ଆକାଶିଆ ଜଙ୍ଗଲରୁ ଗୁରୁବାର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ହେଲେ କୁଶଳଦା ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ଗ୍ରାମର ଦୁଲି ବାସ୍କେ (୭୦)। ସେ ଜଣେ ମାନସିକ ବିକୃତ ବୋଲି ପୋଲିସ କହିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# କମେଡିର ମଜା ନେଲେ ଦର୍ଶକ



ମହୋତ୍ସବର ୩ୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଖଇରା, ୧୬।୬(ଡି.ଏନ.ଏ.)

### ସୁନ୍ଦରପୁର ରଜ ମହୋତ୍ସବ ୩ୟ ସନ୍ଧ୍ୟା

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚାଲିଥିବା ରଜ ମହୋତ୍ସବର ବୁଧବାର ୩ୟ ସନ୍ଧ୍ୟାରେ ଦର୍ଶକ ନୃତ୍ୟ ସଙ୍ଗୀତ ହାସ୍ୟରସର ଭରପୁର ମଜା ନେଇଛନ୍ତି। ସନ୍ଧ୍ୟାରେ ରଜ କୁଇନରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ଗାଲା ରାଉଣ୍ଡରେ ନିଜର ସର୍ବଶ୍ରେଷ୍ଠ ପ୍ରତିଭା ପ୍ରଦର୍ଶନ କରିଥିଲେ। ରଜ ମହୋତ୍ସବ କମିଟି ଉପଦେଷ୍ଟା ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୋର ମେଡିକାଲ ଶିଶୁ ରୋଗ ବିଶେଷଜ୍ଞ ଡା. ବ୍ରଜକିଶୋର ସ୍ୱାଇଁ ମୁଖ୍ୟଅତିଥି, ଖଇରା କଲେଜ ପୂର୍ବତନ ଅଧକ୍ଷ ଉମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ, ଉପଦେଷ୍ଟା ମାନସ କୁମାର ମହାପାତ୍ର, ପିତବାସ ମୁଖୀ, ପ୍ରଭାତ କୁମାର ନାୟକ, ବାଲ୍ମିକୀ ନାୟକ, ସୁବାସ କୁମାର ଜେନା, କମଳକାନ୍ତ ନାୟକ ଓ ଡା ହରେକୃଷ୍ଣ ରାଉତ ସମ୍ମାନନୀୟ ଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ରାଉତ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଓଡିଆ ସଂସ୍କୃତି ଓ ପରମ୍ପରାକୁ ରଜ ମହୋତ୍ସବ ପାଳନ ମାଧ୍ୟମରେ ଉଜ୍ଜୀବିତ କରି ରଖାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ଜଟଣୀର ନୂପର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଓଡିଶାରେ ଚହଳ ସୃଷ୍ଟି କରିଥିବା ହାସ୍ୟଅଭିନେତା ଗୁଲୁଆ ସଂଳାପରେ ଦର୍ଶକ ହସି ହସି ବେଦମ୍ ହୋଇଥିଲେ। ପ୍ରଶାନ୍ତ କୁମାର ଦାସ, ପ୍ରହ୍ଲାଦ ରାୟ, ବସନ୍ତ ପାଢ଼ୀ, ଜୟନ୍ତ ବେହେରା, କରୁଣାକର ପାଣି, ସୁଲୋଚନା ଭୋଳ, ନୃସିଂହ ପାଣି, ପ୍ରଭାତ ନାୟକ, ବିରଞ୍ଚି ନାରାୟଣ ପଣ୍ଡା ତଥା ମା' ତାରିଣୀ ୟୁଥ କ୍ଲବର ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ନୋଏଡ଼ାରେ ଦୁର୍ଘଟଣା, ଓଡ଼ିଆ ଯୁବକଙ୍କ ମୃତ୍ୟୁ

ସୋର, ୧୬।୬(ଡି.ଏନ.ଏ.)

ନୋଏଡାରେ କାର୍ ଦୁର୍ଘଟଣା ଘଟି ବୁଧବାର ରାତିରେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋର ଚକରାଇପୁର ଗ୍ରାମର ବଂଶୀଧର ପଣ୍ଡାଙ୍କ ପୁଅ ପ୍ରଦୀପ୍ତ। ପ୍ରଦୀପ୍ତ ଦିଲ୍ଲୀର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେ ନୋଏଡ଼ାରେ ରହି କମ୍ପାନୀକୁ ଯା'ଆସ କରୁଥିଲେ। ବୁଧବାର ରାତି ପ୍ରାୟ ୧୧ଟା ବେଳେ ସେ ନିଜ କାର୍‌ରେ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ଖବର ପାଇ ସେଠାରେ ରହୁଥିବା ତାଙ୍କ ସ୍ତ୍ରୀ ଏବଂ ୨ ପୁତ୍ର ପହଞ୍ଚିଥିଲେ। ଗତମାସ ସେ ଘରକୁ ଆସି ତାଙ୍କର ସାନପୁଅର ବ୍ରତଘର କରି ଫେରିଯାଇଥିଲେ। ତାଙ୍କ ମରଶରୀରକୁ ଗୁରୁବାର ବ୍ୟବଚ୍ଛେଦ ପରେ ଓଡ଼ିଶା ଅଣାଯାଇ ପୁରୀରେ ଶବ ସତ୍କାର କରାଯାଇଛି। ତାଙ୍କ ବାପା ବଂଶୀଧର ବିଦ୍ୟୁତ୍ ବିଭାଗ କର୍ମଚାରୀ ଥିବା ବେଳେ ମା ଅନ୍ନପୂର୍ଣ୍ଣା ପଣ୍ଡା ସୋର କଲେଜର କର୍ମଚାରୀ ଥିଲେ। ତାଙ୍କ ମୃତ୍ୟୁରେ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପୌରପାଳିକା ପକ୍ଷରୁ ରଜ ମହୋତ୍ସବ

ବାସୁଦେବପୁର, ୧୬।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ପୌରପାଳିକା ପକ୍ଷରୁ ରଜ ମହୋତ୍ସବ-୨୦୨୨ ଅନୁଷ୍ଠିତ ହୋଇଛି। ପୌରପାଳିକାର ଅଧକ୍ଷା ନିବେଦିତା ବେହେରା ଆନୁଷ୍ଠାନିକ ଭାବେ ମହୋତ୍ସବର ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରଜ ପର୍ବ ପାଇଁ ଗାଁରୁ ସହର ସବୁଠି ଆନନ୍ଦ ଉଲ୍ଲାସ ଖେଳିଯାଇଥିବା ବେଳେ ଏହା ଗଣପର୍ବରେ ପରିଣତ ହୋଇଛି। ଏହା ଆମ ସଂସ୍କୃତିର ପରିଚୟ ବୋଲି ପୌରାଧକ୍ଷା ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ତୃପ୍ତି ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ବିଭାଗ ଅଧକ୍ଷା ସ୍ନିଗ୍ଧା ମହାନ୍ତି, ମହିଳା ସାମାଜିକ କର୍ମୀ ବନଗନ୍ଧା ପଟ୍ଟନାୟକ, ମମତା ଜେନା, ପୌରପାଳିକା ଉପାଧକ୍ଷ ଉତ୍ତମ ବାରିକ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୧୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ହାତ ତିଆରି ପିଠା ମିଠା ପ୍ରଦର୍ଶିତ କରିଥିଲେ।




ମହୋତ୍ସବରେ ଉପସ୍ଥିତ ଅତିଥି।

# ବିଭିନ୍ନ ପ୍ରତିଯୋଗିତାରେ ସରିଲା ରଜ ଉତ୍ସବ

ରସାଲପୁର, ୧୬।୬(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଖାନନଗର ଗ୍ରାମରେ ଗ୍ରାମୀଣ ପରିବେଶରେ ସାମାଜିକ ଅନୁଷ୍ଠାନ ଶାନ୍ତି ଫାଉଣ୍ଡେଶନ ସୌଜନ୍ୟରେ ଦୁଇ ଦିନ ବ୍ୟାପୀ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାନର ମୁଖ୍ୟ ଉପଦେଷ୍ଟା ହରେନ୍ଦ୍ର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଯୁବ ସମାଜସେବୀ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣପର୍ବ ରଜକୁ ସାମୂହିକ ଭାବେ ହର୍ଷଉଲ୍ଲାସରେ ପାଳନ କରାଯାଉଥିବାରୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକଡ଼େମୀ ସଦସ୍ୟ କବି କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉର୍ମିଳତା ଦାସ, କବି ଯଶୋଧାରା ଦାସ, ଅଧାପିକା ଗୀତାଶ୍ରୀ ପ୍ରିୟମ୍ବଦା, ବ୍ରଜେନ୍ଦ୍ର କୁମାର ଫାଉଣ୍ଡେସନ ଅଧକ୍ଷା ବାସନ୍ତୀମଣି ଦାସ, କବି ଗଙ୍ଗାଧର ଦାସ, ନିର୍ଦ୍ଦେଶକ ସଞ୍ଜୟ ଦାସ ପ୍ରମୁଖ




ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ।

ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଶାନ୍ତି ଫାଉଣ୍ଡେଶନର ଅଧକ୍ଷା ଉଷାରାଣୀ ଦାସ ସଭାପତିତ୍ୱ କରିଥିବା ବେଳେ ପ୍ରଣବ ଦାସ ମଞ୍ଚ ଆହ୍ୱାନ କରିଥିଲେ। ଅନୀଲ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ଏହାପରେ ଶଙ୍ଖଫୁଙ୍କା, ହୁଳହୁଳି, ପୁଚି, ତାସ, ଲୁଡୁ, କବାଡ଼ି, ନୃତ୍ୟ, ରଜ ଦୋଳି, ରଜଗୀତ ଆଦି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ପ୍ରଥମ ଅଧିବେଶନ କବି ଓ କବିତା କାର୍ଯ୍ୟକ୍ରମରେ ସୁଧାକର ସେଠୀଙ୍କ ଅଧକ୍ଷତାରେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା କବି ଅଭୟ ଦାସ ଅନ୍ୟମାନଙ୍କ ମଧ୍ୟରେ କବି ଇନାୟତ ଅଲ୍ଲୀ, ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୁବାସ ସ୍ୱାଇଁ, ଗୋପାଳ ପଢିଆରୀ, ଜ୍ୟୋସ୍ନା ପାଣିଗ୍ରହୀ, ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ପଦେ କଥା ଓ କବିତା ପାଠ କରିଥିଲେ। ମାନସ କୁମାର ସ୍ୱାଇଁ ମଞ୍ଚ ଆହ୍ୱାନ କରିଥିବା ବେଳେ, ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁଧାକର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟଅତିଥି ଭାବେ ଡା. ଶାନ୍ତନୁ କୁମାର ଦାସ, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉର୍ମିଳତା ଦାସ, ବସନ୍ତକୁମାର ଦାସ, ଶାନ୍ତି ଫାଉଣ୍ଡେସନ ଅଧକ୍ଷା ଉଷାରାଣୀ ଦାସ, ନିର୍ଦ୍ଦେଶକ ସଞ୍ଜୟ କୁମାର ଦାସ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ମାନସ ଶତପଥି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୟ କୁମାର ଦାସ, ପୂର୍ଣ୍ଣ ଚନ୍ଦ୍ର ରାଉତ, ବିଟୁ ମହଲ, ହରେନ୍ଦ୍ର ସିଂ, ଶିବଶଙ୍କର ଆଚାର୍ଯ୍ୟ, ପ୍ରତାପ ମଲ୍ଲିକ, ଜିତୁ ସାହୁ, ଉମାକାନ୍ତ ପ୍ରଧାନ, ନରେନ୍ଦ୍ର ଦେଉରୀ, ବାବୁଲି ଦାସ, ମାନସ ଶତପଥି ପ୍ରମୁଖ ପରିଚାଳନା କରିଥିଲେ।

# ନୂଆ ରୂପରେ କେନ୍ଦୁଝର ବଡ଼ଦାଣ୍ଡ

ଦୀପକ ମିଶ୍ର
କେନ୍ଦୁଝର,୧୬।୬

କୋଭିଡ୍ ପାଇଁ ବଡ଼ଦାଣ୍ଡକୁ ଆସି ନ ଥିବା କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ଚଳିତ ବର୍ଷ ରଥରେ ବସିବେ। ଦେବସ୍ନାନ ନୀତି ପରେ ଶ୍ରୀଜୀଉମାନେ ଏବେ ଅଣସର ଘରେ ଅଛନ୍ତି। ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବେ ଦୃତ ଗତିରେ ଆଗେଇ ଚାଲିଛି। ଆଗାମୀ ରଥଯାତ୍ରାରେ ଏକ ନୂଆ ରୂପରେ କେନ୍ଦୁଝର ବଡ଼ଦାଣ୍ଡ ଝଲସିବ ବୋଲି ପରିକଳ୍ପନା କରାଯାଇଛି। ବଡ଼ଦାଣ୍ଡ, ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନାବଦ୍ଧ ଭାବେ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଏହି କାର୍ଯ୍ୟ ଆଗାମୀ ରଥଯାତ୍ରା ପୂର୍ବରୁ ଶେଷ କରାଯିବ ବୋଲି କେନ୍ଦୁଝର ଉପଜିଲାପାଳ ତଥା ମନ୍ଦିରର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ ପ୍ରକାଶ କରିଛନ୍ତି।

ବଡ଼ଦାଣ୍ଡର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ସ୍ୱରୂପ ବିଭିନ୍ନ ପ୍ରକାର ଫୁଲର ଚିତ୍ର, ପାରମ୍ପରିକ କଳା, ବଡ଼ଦାଣ୍ଡ ପାର୍ଶ୍ୱ ଲାଇଟ ପୋଷ୍ଟରେ ବଳଦେବଜୀଉଙ୍କର ବିଭିନ୍ନ ବେଶର ପଟ୍ଟଚିତ୍ର ପ୍ରଦର୍ଶନ, ଉଭୟ ପାର୍ଶ୍ୱରେ ପାଦ ଚଲା ରାସ୍ତା, ପାଠାଗାରର ବିକାଶ, ମୁକ୍ତକାଶ ଅବସର ବିନୋଦନ ବ୍ୟବସ୍ଥା, ବଡ଼ଦାଣ୍ଡ ପାର୍ଶ୍ୱରେ ଏକକ କଳାକୃତି ପ୍ରଦର୍ଶନ, ବଡ଼ଦାଣ୍ଡ ପାର୍ଶ୍ୱରେ ଭକ୍ତିଭାବନା ସୃଷ୍ଟିକାରୀ ବାତାବରଣ ଓ ଆଲୋକୀକରଣ ବ୍ୟବସ୍ଥା ତଥା ଆନୁସଙ୍ଗିକ ବିକାଶ କରାଯିବା ସହିତ ଓ ବଡ଼ଦାଣ୍ଡ କିପରି ନୂଆ ରୂପରେ ଝଲସିବ ସେଥିନେଇ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝରର ରାଷ୍ଟ୍ରଦେବତା ବଳଦେବଜୀଉଙ୍କ ସମେତ ଦେବୀ ସୁଭଦ୍ରା ଓ ଜଗନ୍ନାଥ ଗୋଟିଏ ରଥରେ ବିରାଜମାନ କରି ମାଉସୀ ମା' ମନ୍ଦିରକୁ ଯାଇଥାନ୍ତି। ବଡ଼ଠାକୁର ବଳଦେବ


ସଜେଇ ହୋଇଥିବା ବଡ଼ଦାଣ୍ଡ।

**ରୂପାନ୍ତରଣ ପ୍ରକ୍ରିୟାରେ ପାର୍ଶ୍ୱବର୍ତ୍ତୀ ସ୍ଥାନ**

ହେଲେ ମଧ୍ୟ ରଥର ନାମ ନନ୍ଦିଘୋଷ ରହି ଆସିଛି। ଶ୍ରୀ ବଳଦେବଜୀଉଙ୍କ କାଷ୍ଠ ନିର୍ମିତ ରଥ ସମଗ୍ର ପୃଥିବୀରେ ସର୍ବୋଚ୍ଚ ରଥର ମାନ୍ୟତା ଲାଭ କରିଛି। ଯାହାର ସ୍ୱୀକୃତି ସ୍ୱରୁପ ଗିନିଜ ବୁକ୍ ଅଫ୍ ୱାଲର୍ଡ ରେକର୍ଡରେ ସ୍ଥାନ ପାଇଛି। ଏହା ଜିଲା, ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବର କଥା । ଏହା ପୂର୍ବରୁ ଶ୍ରୀ ବଳଦେବଜୀଉଙ୍କ ରଥ ନନ୍ଦିଘୋଷ ନ୍ୟାସନାଲ ରେକର୍ଡସ,ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ,ଏସିଆ ପାସିଫିକ ଆଇକନ,ଗ୍ଲୋବାଲ ରେକର୍ଡସ,ୱଣ୍ଡର ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇସାରିଛି। ଏହି ରଥର ଉଚ୍ଚତା ୭୪ଫୁଟ ଏବଂ ଗୋଲେଇ ୪୫ଫୁଟ ହୋଇଥିବାବେଳେ ଏଥିରେ ପ୍ରାୟ ୮ଫୁଟ ଉଚ୍ଚର ୧୬ଟି ଚକ ଲାଗିଛି।

# ସେନାରେ ନିଯୁକ୍ତି ସୁଯୋଗ ନ ପାଇ ଯୁବକଙ୍କ ଆତ୍ମହତ୍ୟା

ସୋର, ୧୬।୬(ଡି.ଏନ୍.ଏ.)

ବୁଧବାର ରାତିରେ ସୋର ଥାନା ଅଧୀନ ଟେଣ୍ଟେଇ ଗ୍ରାମରେ ଜଣେ ଯୁବକ ସେନାରେ ନିଯୁକ୍ତି ସୁଯୋଗ ନ ପାଇ ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏହି ଗ୍ରାମର ରଜନୀକାନ୍ତ ମହାନ୍ତିଙ୍କ ପୁଅ ଧନଞ୍ଜୟ(୨୭) ସେନା ବାହିନୀରେ ଯୋଗ ଦେବାକୁ ଶାରରୀକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଲିଖିତ ପରୀକ୍ଷାରେ ନିଶ୍ଚିତ କୃତକାର୍ଯ୍ୟ ହେବାକୁ ଆଶା ରଖିଥିଲେ ଧନଞ୍ଜୟ। ହେଲେ କରୋନା କଟକଣା ପାଇଁ ଲିଖିତ ପରୀକ୍ଷା ହୋଇ ପାରି ନ ଥିଲା। ଏବେ ସେନାରେ ନିଯୁକ୍ତି ପାଇଁ ପ୍ରତିରକ୍ଷା ବିଭାଗ ଅଗ୍ନିପଥ ଯୋଜନା ଘୋଷଣା କରିଥିବାରୁ ଆଉ ଲିଖିତ ପରୀକ୍ଷା ଦେବାର ସୁଯୋଗ ତାଙ୍କୁ ମିଳିବନି ଭାବି ହତାଶା ହୋଇ ମାନସିକ ଅଶାନ୍ତିରେ ଥିଲେ। ସୋର ଯୁଏନ୍ କଲେଜରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ ପରେ ଅନ୍ୟ କୌଣସି ଚାକିରି ପାଇଁ ପ୍ରବେଶିକା ପରୀକ୍ଷା ଦେଉ ନ ଥିଲେ। ସେନାରେ ଯୋଗ ଦେବାକୁ ପ୍ରବଳ ଇଚ୍ଛା ଥିବା ବେଳେ ଆଉ ସୁଯୋଗ ମିଳିବନି ଭାବି ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇ ଶୋଇବା ଘରେ ବେକରେ ରଶି ଲଗାଇ ଝୁଲିପଡିଥିଲେ। ଆତ୍ମହତ୍ୟା ପୂର୍ବରୁ ଧନଞ୍ଜୟ ରାତି ପ୍ରାୟ ୩ଟା ବେଳେ ନିଜ ପରିବାର ଲୋକଙ୍କୁ ଆତ୍ମହତ୍ୟା କରୁଥିବା ସମ୍ପର୍କରେ ମେସେଜ୍ କରିଥିଲେ। ଗୁରୁବାର ସକାଳେ ଘର ଲୋକ ମେସେଜ୍ ଦେଖିଥିଲେ। ପରେ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଧନଞ୍ଜୟଙ୍କୁ ଉଦ୍ଧାର କରାଯାଇଥିଲା। ସୋର ପୋଲିସ ମାମଲା(ନଂ. ୪୦/୨୨) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

## ସଂକ୍ଷେପରେ

### ରାଇକୁଳାରେ ରକ୍ତଦାନ ଶିବିର



ଖଇରା, ୧୬।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ଗ୍ରାମ ପଞ୍ଚାୟତ ଅଧୀନ ରାଇକୁଳାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଇକୁଳା ରଜ ମହୋତ୍ସବ କମିଟି ଓ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ମୋଟ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜୀବନବିନ୍ଦୁ କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ପ୍ରହ୍ଲାଦ ପତି ଶିବିର ପରିଚାଳନା କରିଥିଲେ । ୫ନଂ. ଜୋନର ଜିଲା ପରିଷଦସଭ୍ୟ ମାନସ କୁମାର ଦାଶ, କମିଟି ସଦସ୍ୟ ଲକ୍ଷ୍ମଣ ନାୟକ, ତପୋଧନ ବାରିକ, ମୃତ୍ୟୁଞ୍ଜୟ ଶଙ୍ଖୁଆଙ୍କ ସମେତ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ମହୋତ୍ସବ କମିଟି ସଦସ୍ୟମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା ।

### ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ଜିଲାପାଳଙ୍କୁ ଦାବିପତ୍ର

ବାହାନଗା,୧୬।୬(ଡି.ଏନ.ଏ.)-ବାହାନଗା ରେଳ ଫାଟକଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ବାଲେଶ୍ୱର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାହାନଗା ବ୍ଲକ ଅଞ୍ଚଳ ଓ ରେମୁଣା ବ୍ଲକର କେତେକ ଅଞ୍ଚଳ ଜନସାଧାରଣଙ୍କୁ ଜାତୀୟ ରାଜପଥକୁ ଯିବା ନିମନ୍ତେ ବାହାନଗା ଲେଭଲକ୍ରସିଂକୁ ଅତିକ୍ରମ କରିବାକୁ ପଡେ । ତେଣୁ ଏଠାରେ ଏକ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କରିବା ନିମନ୍ତେ ରେଳ ବିଭାଗ ପକ୍ଷରୁ ସବୁଜ ସଙ୍କେତ ପ୍ରଦାନ କରିଥିଲେ ମଧ ରାଜ୍ୟ ସରକାରଙ୍କ ସହମତି ମିଳିପାରିନାହିଁ। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଗୋପାଳପୁର ନାଗରିକ ମଞ୍ଚର ଆବାହକ ସୁଦର୍ଶନ ମହାପାତ୍ର, ସଭ୍ୟ ଅନ୍ତର୍ଯ୍ୟାମୀ ପଣ୍ଡା, ସଭ୍ୟ ମନୋଜ ବିଶ୍ୱାଳ ପ୍ରମୁଖ ବାହାନଗା ବ୍ଲକ ର ଜନଶୁଣାଣି ଶିବିରରେ ଜିଲାପାଳଙ୍କଠାରେ ଆବେଦନ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବାହାନଗା, ୧୬।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧିଙ୍କ ମା' ତଥା ତାଳକୁରୁଣିଆଁ ଗ୍ରାମର ଅଯୋଧ୍ୟା ସାହୁ (୮୪) ଗୁରୁବାର ପରଲୋକ ହୋଇଯାଇଛି। ମହିଳାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ମର ଶରୀରକୁ ଶେଷ ଦର୍ଶନ କରିବା ପାଇଁ ବହୁ ରାଜନୈତିକ ବ୍ୟକ୍ତି ସମେତ ସୋର ବିଧାୟକ, ଭଦ୍ରକ ଏମ୍‌ପି ଓ ବ୍ଲକ ଚେୟାରମ୍ୟାନ୍ ଓ ମାନ୍ୟଗଣ ବ୍ୟକ୍ତିମାନେ ପହଞ୍ଚିଥିଲେ । ସେ ପକ୍ଷଘାତ ରୋଗରେ ପୀଡିତ ଥିବା ବେଳେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

# 'ପଲ୍ଲୀ ଜୀବନ ସବୁ ପରିସ୍ଥିତିରେ ବଞ୍ଚିବାର ଶିକ୍ଷା ଦିଏ'


ସଂକ୍ରାନ୍ତି ଆସରରେ ଅତିଥିମାନେ।

ଭଦ୍ରକ ଅଫିସ,୧୬।୬

ପଲ୍ଲୀ ଜୀବନ ମଣିଷକୁ ସବୁ ପରିସ୍ଥିତିରେ ବଞ୍ଚିବାର ଶିକ୍ଷା ଦେଇଥାଏ ବୋଲି ଭଦ୍ରକ କଲ୍ୟାଣୀ ନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ ଆସରକୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। 'ଆମ ସାହିତ୍ୟରେ ପଲ୍ଲୀ ଜୀବନ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କେନ୍ଦୁଝର ବଉଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ, ଅତିଥି ଭାବେ ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ହୋତା, ଅଧ୍ୟାପକ ନିହାର ରଞ୍ଜନ କର ଓ ପ୍ରାଧ୍ୟାପକ ରମାକାନ୍ତ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ଅମିତା ଆଚାର୍ଯ୍ୟ, ସିଆର୍‌ସିସି ସରୋଜ କୁମାର ଓଝା ଓ ପ୍ରାଧ୍ୟାପିକା ଭାନୁମତୀ ମାଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି କବିତା ପାଠ କରିଥିଲେ। ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ ଓ ସହସମ୍ପାଦିକା କବୟିତ୍ରୀ ମମତାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ୮୫ ୟୁନିଟ୍ ରକ୍ତ ସଂଗ୍ରହ

ବାହାନଗା, ୧୬।୬(ଡି.ଏନ.ଏ.)

ବାହାନଗା ବ୍ଲକ ପଥରପେଣ୍ଡ ପଞ୍ଚାୟତ ତାହାରପୁର ଗ୍ରାମର ଥିବା ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ମୁଖ୍ୟ ଅତିଥି ଭାବେ ପଥରପେଣ୍ଡ ପଞ୍ଚାୟତ ସମିତିସଭ୍ୟ ଇଂ. ଶରତ ଚନ୍ଦ୍ର ରାଜ ଉଦଘାଟନ କରିଥିଲେ। ଏଥିରେ ରକ୍ତ ଭଣ୍ଡାର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ସମେତ ସହକାରୀ ମୋନାଲିସା ମହାନ୍ତି, ବିଜୟ କୁମାର ପଟ୍ଟନାୟକ, ସାଇଦତ ଦିଲିଦାର, ବିନୋଦ ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଫ୍ରେଣ୍ଡସ୍ କ୍ଲବ ସମ୍ପାଦକ କାର୍ତ୍ତିକ ଦାସ, ଦେବ ଖୁଣ୍ଟିଆ, ମନୋଜ ଖୁଣ୍ଟିଆ, ସତ୍ୟ ନାରାୟଣ ଦେବ ଗୋସ୍ୱାମୀ, ଗଦାଧର ପାତ୍ର, ଅଶ୍ୱିନୀ ଦାସ, ଗଙ୍ଗାଧର ସିଂ, ହରିହର ପାତ୍ର, ସନ୍ତୋଷ ସାହୁ ପ୍ରମୁଖ । ଅନୁଷ୍ଠାନ ପକ୍ଷରୁ ଦୀର୍ଘ ୩ ବର୍ଷ ଧରି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଆସୁଛି।

# ଲଳିତକଳା ଏକାଡେମୀ ପୁରସ୍କୃତ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧନା


ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଅଫିସ, ୧୬।୬

ବାଲେଶ୍ୱର ଜିଲା ବସ୍ତା ବ୍ଲକ ରୁପସା ଅଞ୍ଚଳର ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀଙ୍କୁ ମିଳିଛି ୨୦୨୧ର କେନ୍ଦ୍ର ଲଳିତ କଳା ଏକାଡେମୀ ପୁରସ୍କାର। ତାଙ୍କୁ ବାଲେଶ୍ୱରର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବିଶିଷ୍ଟ ବ୍ୟକ୍ତିମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି।

ଦେଶର ଏହି ପୁରସ୍କାର ପାଇଁ ୨୦ ଜଣ ଶିଳ୍ପୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ସେଥିରେ ଓଡ଼ିଶାର ୨ଜଣ ଚିତ୍ରଶିଳ୍ପୀ ଅଛନ୍ତି। ସେଥିମଧ୍ୟରୁ ଲକ୍ଷ୍ମୀପ୍ରିୟା ଅନ୍ୟତମ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କିଆ ନାଇଡୁ ଲକ୍ଷ୍ମୀପ୍ରିୟାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବାଲେଶ୍ୱର ଜିଲାର ନାମ ଭାରତବର୍ଷରେ ରଖିଥିବାରୁ ଗୁରୁବାର ଅପରାହ୍ନରେ ଲକ୍ଷ୍ମୀପ୍ରିୟାଙ୍କ ବାସଭବନରେ ତାଙ୍କୁ ହେଲପିଂ ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ହେଲପିଂ ସୋସାଇଟିର ସଭାପତି ହ୍ରିତିକ୍ ନାୟକ, ଉପଦେଷ୍ଟା ବିକ୍ରମ ପଣ୍ଡା, ଯୁବ ସମାଜସେବୀ ସୁଶାନ୍ତ ରଣା, ଖବରଦାତା ସର୍ବେଶ୍ୱର ଜେନା, ଉପସଭାପତି ଜୀବନ ସଂଗ୍ରାମ ମିଶ୍ର, ଜ୍ୟୋତି ପ୍ରକାଶ ରାଉତ, ସାଧାରଣ ସମ୍ପାଦକ ରଜତ ଘଡ଼େଇ, ସୁମିତ ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଖାରୀବାବା ଅର୍ଡର ସପ୍ଲାୟରକୁ ଜଳେଶ୍ୱରରେ ସମ୍ବର୍ଦ୍ଧନା

**ରକ୍ତଦାନରେ ବାଲେଶ୍ୱର ଜିଲାରେ ଦ୍ୱିତୀୟ**

ଜଳେଶ୍ୱର, ୧୬।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱରର ବୁଖାରୀ ବାବା ଅର୍ଡର ସପ୍ଲାୟର ୨୦୨୧ରେ ବାଲେଶ୍ୱର ଜିଲାରେ ରକ୍ତ ସଂଗ୍ରହରେ ୨ୟ ସ୍ଥାନ ଅଧିକାର କରିଥିବାରୁ ରକ୍ତଦାତା ସଂଘ ପକ୍ଷରୁ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଳେଶ୍ୱରର କେତେକ ସଙ୍ଗଠନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ବୁଖାରୀ ବାବା ଅର୍ଡ ସାପ୍ଲାୟର ପ୍ରତିଷ୍ଠାତା ସେକ୍ ଇସ୍‌ଲାମ, ସେକ୍ ସାଜନ ଓ ତାଙ୍କ ସହଧର୍ମିଣୀ ଜାହିରା ବିବିଙ୍କ ପ୍ରଚେଷ୍ଟାରେ ଏପରି ସଫଳତା ମିଳିଥିବା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆୟୋଜିତ ସଭାରେ କହିଛନ୍ତି । ଆସନ୍ତା ଦିନରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରି ସମଗ୍ର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିବେ ବୋଲି ଖବରଦାତା ସମ୍ମିଳନୀରେ ସେକ୍ ସାଜନ ଓ ଜାହିରା ବିବି ପ୍ରମୁଖ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସେକ୍ ଅବଦୁଲ ରହିମ, ସମ୍ଭୁନାଥ ଦାସ ଓ ମନୋରଞ୍ଜନ ଦାସ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସତ୍ୟରଞ୍ଜନ ମହାପାତ୍ର, ମୋତି ଖାନ, ଇନ୍‌ଜାତ ଖାନ୍, ଆଜମେର ଖାଁ ପରିଚାଳନା କରିଥିଲେ ।


ବୁଖାରୀ ବାବା ଅର୍ଡର ସପ୍ଲାୟର ପ୍ରତିଷ୍ଠାତାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

## ଶ୍ରୀଜୀଉଙ୍କ ସ୍ନାନ ପୂର୍ଣ୍ଣିମା

ବାହାନଗା,୧୬।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଗ୍ରାମ ଓ ରମଧାବରମପୁର ଗ୍ରାମରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିର ଶ୍ରୀଜୀଉଙ୍କ ସ୍ନାନ ପୂର୍ଣ୍ଣିମା ଉତ୍ସବ ଆଡମ୍ବରରେ ଅନୁଷ୍ଠିତ ହୋଇଛି । ରମଧାବରମପୁର ଗ୍ରାମ ସାଆଁନ୍ତାଣି ପୋଖରୀରୁ ୧୦୮ କଳସ ଶୋଭାଯାତ୍ରାରେ ପାଣି ଆଣି ଆଣି ଶ୍ରୀଜୀଉଙ୍କୁ ସ୍ନାନ କରାଯାଇ ଥିଲା । ସେହିପରି ତାଳକୁରୁଣିଆଁ ଗ୍ରାମର ଶ୍ରୀଜୀଉଙ୍କ ସକାଳେ ମଙ୍ଗଳଆରତୀ ପରେ ଶ୍ରୀଙ୍ଗର ଦର୍ଶନ ପରେ ପହଣ୍ଡି କରି ଶ୍ରୀଜୀଉଙ୍କୁ ସ୍ନାନ ମଣ୍ଡପ କୁ ଅଣାଯାଇଥିଲା । ପରେ ଠାକୁରଙ୍କର ସମସ୍ତ ନୀତିକାନ୍ତି କରିବା ପରେ ୧୪ ଦିନ ପାଇଁ ଅଣସର ଘରେ ରଖାଯାଇଥିଲା । ଉଭୟ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇ ଥିଲା।

## ୧୮ରେ ୩୭ ବାତ୍ୟା ଆଶ୍ରୟ ସ୍ଥଳରେ ମକ୍ ଡ୍ରିଲ

ବାସୁଦେବପୁର, ୧୬।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍‌ରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୮ ତାରିଖରେ ବାସୁଦେବପୁରରେ ଥିବା ୩୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଏହି ମକ୍‌ଡ୍ରିଲ ହେବ। ବନ୍ୟା ଓ ବାତ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଧନଜୀବନର ସୁରକ୍ଷା କରାଯିବ ଓ ଜିରୋ କାଜୁଆଲିଟ୍ ଲକ୍ଷ୍ୟ ରହିବ ସେ ସମ୍ପର୍କରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବାସୁଦେବପୁର ବ୍ଲକ ଓ ପୌରପାଳିକାରେ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ପ୍ରଦର୍ଶିତ ହେବା ସହ ଗ୍ରାମବାସୀଙ୍କୁ ଏ ଦିଗରେ ଅଧିକ ସତର୍କ ଓ ସଚେତନ କରାଯିବ।

ବୈଠକରେ ବିଡିଓ ସତ୍ୟଜିତ ରାଉତ, ଅତିରିକ୍ତ ତହସିଲଦାର ତାପସ କୁମାର ସାମଲ, ଜିପିଇଓ ଅଶୋକ ଦାସଙ୍କ ସହ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ବିଭାଗୀୟ ଅଧିକାରୀ, ବାତ୍ୟା ଆଶ୍ରୟସ୍ଥଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବାସୁଦେବପୁର ଏକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ। ଏଠାରେ ଦୀର୍ଘଦିନ ଧରି ନିର୍ମାଣ ହୋଇଥିବା କେତେକ ବାତ୍ୟା ଆଶ୍ରୟସ୍ଥଳ ନଷ୍ଟ ହେବାକୁ ବସିଛି। ଏ ଦିଗରେ ଧ୍ୟାନ ଦେବାକୁ ଦାବି କରାଯାଇଛି।

# ୩ ଉପନ୍ୟାସ ଉନ୍ମୋଚିତ

ବାଲେଶ୍ୱର ଅଫିସ, ୧୬।୬

ବାଲେଶ୍ୱର ସହର ପାଣିଚାଙ୍କି ସ୍ଥିତ ଏକ ଘରୋଇ ସମ୍ମିଳନୀ କକ୍ଷରେ କଥାକାର ରମେଶ ଚନ୍ଦ୍ର ଜେନାଙ୍କ ଲିଖିତ, ଦୀର୍ଘ ବୃତ୍ତିଗତ ଓ ସାମାଜିକ ଜୀବନର ଅଭିଜ୍ଞତା ଓ ଅନୁଭୂତିରୁ ସାଉଁଟିଥିବା କାହାଣୀଗୁଡ଼ିକ ପାଠକଙ୍କ ମନରେ ଗଭୀର ଭାବାନ୍ତର ସୃଷ୍ଟି କରିବାରେ ସାମର୍ଥ୍ୟ ରଖିଥିବା ତିନିଖଣ୍ଡ ନୂତନ ଉପନ୍ୟାସ 'ନିଷ୍ଠୁର ନିୟତି', 'ଗଙ୍ଗା ପାପ କଲେ ଧୋଇବ କିଏ' ଏବଂ 'କଲମ କାନ୍ଦୁଛି କାହାଣୀ ଲେଖି' ଉନ୍ମୋଚିତ ହୋଇଛି।

ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଜେନା ବେଦପାଠ କରିଥିବା ବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ଡ. ମଣୀନ୍ଦ୍ର କୁମାର ମେହେର, ଅତିଥି ଭାବରେ ବିଶିଷ୍ଟ ସ୍ତମ୍ଭକାର ତଥା ଲେଖକ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗ ଦେଇଥିଲେ। ସାହିତ୍ୟ ସମାଲୋଚକ ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. ମଥୁରାନାଥ ହୋତା, ଡ. ଗୀତାଶ୍ରୀ ପ୍ରିୟମ୍ବଦା ପୁସ୍ତକଗୁଡ଼ିକର ସମୀକ୍ଷା କରି ଲେଖକଙ୍କ କାହାଣୀ ଖୁବ୍ ମନଛୁଆଁ ଓ ହୃଦୟସ୍ପର୍ଶୀ ହେବା ସହ ଏହା ନିୟତି ବିରୋଧରେ ସଂଗ୍ରାମ ବୋଲି ବର୍ଣ୍ଣନା କରିବା ସହ ସାଧାରଣ ପାଠକଙ୍କଠାରୁ ବୁଦ୍ଧିଜୀବୀ ଶ୍ରେଣୀର ପାଠକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରିବା ଭଳି ସମାଜରେ ସଂଗଠିତ ହେଉଥିବା ବାସ୍ତବ କାହାଣୀକୁ ନିଜର କଥାବସ୍ତୁରେ ରୂପାୟିତ କରିଛନ୍ତି। ଲେଖକଙ୍କ ପରିବାରବର୍ଗ ସମେତ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିଲେ।


ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଇଛି।

# ସମନ୍ୱୟ, ଭାଇଚାରା ଓ ସାଂସ୍କୃତିକ ଭାବଧାରା ବଜାୟ ରଖିଛି ମିଳନୀ

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ 'ମିଳନୀ'ର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଗୁରୁବାର ସୂଚନାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଭଦ୍ରକ ଜିଲାର ଲୋକଙ୍କୁ ନେଇ ଗଢ଼ା ହୋଇଥିବା ଏହି ଅନୁଷ୍ଠାନକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଗଢ଼ିବା ସହ ଏହାର ପ୍ରଥମ ସଭାପତି ଥିଲେ। ଏଥିସହ ବିଗତ ୫୦ବର୍ଷ ଧରି ରାଜଧାନୀରେ ରହୁଥିବା ଭଦ୍ରକବାସୀ ସମନ୍ୱୟ, ଭାଇଚାରା ଓ ସାଂସ୍କୃତିକ ଭାବଧାରା ବଜାୟ ରଖିଥିବାରୁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏହାର ମୁଖ୍ୟ ପୁରୋଧା ଡ. ମହତାବ ତାଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ କେବଳ ଭଦ୍ରକ କାହିଁକି ସାରା ଓଡ଼ିଶାର ଜନମାନସରେ ମନେରହିବେ ବୋଲି ରାଜ୍ୟପାଳ କହିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁ ଚରଣ ସେଠୀ, ଅନୁଷ୍ଠାନର ସଭାପତି ଯୁଗଳ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଦିଗାମ୍ବର ମହାନ୍ତି ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମିଳନୀ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଓ ସଭାପତି ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମୋ ଜୀବନର ସଂଘର୍ଷମୟ କାହାଣୀ ' ଓ 'ଆବର୍ଜନାର ଫୁଲ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପରେ ଭଦ୍ରକ ଜିଲାର ସାହିତ୍ୟ, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ନନ୍ଦନନ୍ଦନ ଦାସ, ବିନୋଦ ବିହାରୀ ପଲେଇ, ଡ. ରମାକାନ୍ତ ରାଉତ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଅଶୋକ କୁମାର ମହାନ୍ତି ଓ ପ୍ରଫେସର ଶୈଳେନ୍ଦ୍ର କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଜଗନ୍ନାଥ କୁଅଁରଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନୃତ୍ୟ, ସଂଗୀତ ଓ ରଜ ଦୋଳି ଆଦି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାରୋହକୁ ପୁରୁଷୋତ୍ତମ ବଳ, ନିରୋଦ ନାରାୟଣ ମହାନ୍ତି ଓ ଭାସ୍କର ଚନ୍ଦ୍ର ଜେନା ପରିଚାଳନା କରିଥିଲେ।



ଅନ୍ୟ ଅତିଥିଙ୍କ ଗହଣରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରୁଛନ୍ତି।

**ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଭଦ୍ରକର ୬ ପ୍ରତିଭା ସମ୍ମାନିତ**

